

ମୁହୂର୍ତ୍ତମାନ

ରମା ଦେବୀ

Digitized by PPRACHIN, SOA

ମୁହୂର୍ତ୍ତମାନ

ରମା ଦେବୀ

ଦ୍ୱାରକାନାଥ ଦାସ ସ୍ମୃତିସମିତି
ଦ୍ୱାରକାପୁରୀ, ଦ୍ୱାରକାନାଥ ଦାସ ଲେନ୍, ପୁରୀ-୧

Digitized by PPRACHIN, SOA

ମୁହୂର୍ତ୍ତମାନ

ଏକଗୁଚ୍ଛ କବିତା

ରଚନା :

ରମା ଦେବୀ

ପ୍ରକାଶକ

ଦ୍ୱାରକାନାଥ ଦାସ ସ୍ମୃତିସମିତି

ଦ୍ୱାରକାପୁରୀ, ଦ୍ୱାରକାନାଥ ଦାସ ଲେନ୍, ପୁରୀ-୧

ପ୍ରଥମ ସଂସ୍କରଣ : ■ ୨୦୧୧

ମୁଦ୍ରଣ : ଟେକ୍‌ନୋ ଆର୍ଟସ୍ ଅଫ୍‌ସେଟ୍

କଲ୍ୟାଣୀ ନଗର, କଟକ-୧୩

ମୂଲ୍ୟ : ₹ ୧୦୦/-

MUHURTAMANA

a collection of poems

by : **Rama Devi**

Publisher :

Dwarakanath Das Smrutisamiti

Dwarakapuri, Dwarakanath Das Lane, Puri-1

First Edition: ■ **2011**

Printed at Techno Arts Offset,

Kalyani Nagar, Cuttack-13

Price : ₹ **100/-**

Digitized by PPRACHIN, SOA

ସ୍ୱର୍ଗତ ଦ୍ୱାରକାନାଥ ଦାସ

ସ୍ମୃତି ଧୀରେ ଧୀରେ ହଜିଯାଏ ମୋର
ବିସ୍ମୃତିର ବାଲୁକାରେ
ବିଦାୟର ଚିହ୍ନ ପାରିନି ମୁଁ ରଖି,
କାଳ ବେଳା ଭୂଇଁ ପରେ ।

ଶବାଧାରେ ମୁହିଁ ଝୁଲାଇ ପାରିନି
ରଜନି-ଗନ୍ଧାର ମାଳା
ସମାଧିରେ ଖଣ୍ଡେ ଥାପି ବି ପାରିନି
ଆଲେଖ୍ୟ ମର୍ମର ଶିଳା ।

ତଥାପି ସ୍ମରଣେ ଥାପିଛି ମୁଁ ପ୍ରାଣେ
ଚେତନାର ରୂପ ଦେଇ
ପୋଛିବିନି କେବେ ଲିଭିବନି ସିଏ
ମୃତ୍ୟୁ ନପାରିଲେ ଧୋଇ ।

Digitized by PPRACHIN, SOA

Digitized by PPRACHIN, SOA

ଭୂମିକା

ଜୀବନର ଶେଷ ସାୟଂତନରେ ଦୀପ୍ତିମୟ ବାରୁଣୀଦିଗର ତପନ ବର୍ଣ୍ଣବିଭାରେ ଅରୁଣାୟିତ ହୋଇ ଦୂର ଚକ୍ରବାଳରେ ଅସ୍ତମିତ ହେବା ଲାଗି ଅପେକ୍ଷା ମାଣ ସୂର୍ଯ୍ୟ ମାତ୍ର ବାରୁଣୀ ରାଣୀ ଏହି ଦୁର୍ବିଷହ ଦୁର୍ବୋଧ ଭାବନାରେ ମୁହ୍ୟମାନ ହୋଇଛି। ରୋଷାରୁଣିତ ଲୋଚନ କଷାୟିତ ନୟନପ୍ରାନ୍ତେ ଝଲମଲ କରୁଛି ଅଶ୍ରୁବିନ୍ଦୁ, ଢ଼ଳଢ଼ଳ ତାର ଦୀପ୍ତି ମୁହଁ ଫୁଲାଇ ଅନନ୍ତଯୁଗରୁ ଅପେକ୍ଷା କରିଛି ବାରୁଣୀରାଣୀ ପୁନର୍ବାର ପରିରମ୍ଭଣ ପାଇଁ, ପାରୁନି ସେ ଆଲିଂପନକୁ ଧରି ରଖିବାକୁ। ସେଥିଲାଗି ରକ୍ତିମ ଲପନରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅନ୍ତିମ ବିଦାୟ ଦେବାବେଳେ ଅକୁହା ସ୍ୱପ୍ନସଂଭାରକୁ ଉଗାରି ବସିଛି। କିନ୍ତୁ ମେରୁମେଖଳାରେ ସୂର୍ଯ୍ୟ ଥରେ ହେଲେ ପଛକୁ ଦୃଷ୍ଟି ଢ଼ାଳି ଚାହିଁନି। ଅପ୍ରତିହତ ଅବଶ୍ୟମ୍ଭାବୀ ତପନର ଅବାରିତ ଗତି। ପ୍ରଗତିର ଚକ୍ରନେମି ତଳେ କେତେ ଦାରୁଣ ଝଣତ୍କାର ସୃଷ୍ଟି ହୁଏ ପଥଧାରରେ। ଧରା ଥରିଯାଏ। ଧରାର ବକ୍ଷ ବିଦୀର୍ଣ୍ଣ ହୁଏ। ରଥଚକ କ'ଣ ତାର ହିସାବନିକାଶ କରେ, ସେହି ମୁହୂର୍ତ୍ତକୁ କ'ଣ ସେ ଝୁରି ହୁଏ କି ? ସେ କ'ଣ ସେହି ପଥଧାରର ଧୂଳିକୁ ନିଜର କରେ କି ? ଧରା କିନ୍ତୁ ଅପେକ୍ଷାମାଣ ବଡଦାଣ୍ଡ ପୁଣି ଖୋଜୁଥାଏ ସେହି ରଥକୁ, ନୀଳକ୍କେତନକୁ, ନୀଳରଶ୍ମିକୁ, ବର୍ଷକ ପରେ ନୂଆ ରଥଟି ସେହି ରାସ୍ତାରେ ଗଡ଼ିଚାଲେ। ଧରା ଚିହ୍ନେ ସେହି ରଥକୁ, ରଥର ପରମାତ୍ମାକୁ; ମାତ୍ର ଅବାରିତ ସେ ରଥର ଗତି। ରଥରେ ରଜନୀଗନ୍ଧାର ମାଳାଟିଏ ଝୁଲାଇ ପାରିନି ବୋଲି ଧରାରାଣୀର ହୃଦୟରେ ଅବ୍ୟକ୍ତ ବେଦନା। ଉକ୍ତ ମାଳାଟିଏ ଜଗନ୍ନାଥଙ୍କୁ ପିନ୍ଧାଇନପାରି ଖେଦ କରେ, ମାତ୍ର ସତେ କ'ଣ ବିଭୁ ରଜନୀଗନ୍ଧା ମାଳାର ସୌରଭ ପାଇଁ ଅପେକ୍ଷମାଣ ? ମୃତ୍ୟୁର ଅନିର୍ବାଣ ଆଲିଂଗନ ବିଭୁପଦାରବିନ୍ଦରେ। ମୁହୂର୍ତ୍ତଟି ଅମୃତମୟ ହୁଏ। କବିକଣ୍ଠରୁ ଝରିପଡ଼େ -

"ବରାଭୟ ବାହୁତଳେ ଆଶ୍ରୟ ମୁଁ ନେଲି
ଯେଣୁ ମୁହିଁ ଭାବିଥିଲି ମହାବାହୁ ବୋଲି।"

(ଅସମାପ୍ତ)

Digitized by PPRACHIN, SOA

କବୟିତ୍ରୀ ଦୁନିଆର ଦୁଇମୁଣ୍ଡରେ ଦୋଛକିରେ ରହି ବଡ଼ଦାଣ୍ଡର ତାତିଲା ବାଲିରେ ଶ୍ରାନ୍ତକ୍ଲାନ୍ତ ହୋଇ ଥକି ନ ଯାଇ ଦିନ ଅନ୍ତୁଡ଼ିଠାରୁ ଆଗାମୀ ଦିନର କୁଇରେ ସିଝିସିଝି ପାପପୁଣ୍ୟ, ଦୁଃଖସୁଖ ଶାନ୍ତିଅଶାନ୍ତିର ଝଡରେ ଦିଗହଜା ହୋଇନାହାନ୍ତି, ନୀହାରିକା ପଥରେ ପୁଣ୍ୟପ୍ରଭାକୁ ପାଥେୟ କରି ଚାଲିଛନ୍ତି । ଯନ୍ତ୍ରଣାଜର୍ଜରିତ ଜୀବନର ଜୈତ୍ର ପଥରେ ବିଜୟଯାତ୍ରା କରି ସାଧନା ଅର୍ଚ୍ଚନା, ତପସ୍ୟାରେ ନିରତ ତଲ୍ଲୀନା ସେ । ଜୀବନର ମଧ୍ୟାହ୍ନ ଓ ସାୟାହ୍ନର ପ୍ରତି ମୁହୂର୍ତ୍ତରେ ଶବ୍ଦ ସଂଯୋଜନାରେ ଶବ୍ଦାୟିତ ଓ ପ୍ରତିଧ୍ୱନିତ । ପ୍ରଣୟରେ ବିଶୁଦ୍ଧ ପ୍ରୀତି ସହ ପୌରୁଷ ଓ ଦୃଢ଼ତା ହିଁ ତାଙ୍କର ଲକ୍ଷ୍ୟ । ମନେପଡ଼େ ଏକ ପଦ ସେକ୍ସପିୟରଙ୍କର -

Love is not love
which alters when alteration finds

କବୟିତ୍ରୀ ମାଟି, ପାଣି, ପାଉଁଶ, ପବନରେ ବିଭୁ ପଦାରବିନ୍ଦଙ୍କୁ ଖୋଜନ୍ତି - ପ୍ରକୃତି ହିଁ ଈଶ୍ୱରୀ - ଈଶ୍ୱର ସତ୍ତା । ପ୍ରକୃତିର ବକ୍ଷରେ ଭକ୍ତ ଖୋଜେ ଭଗବାନଙ୍କୁ; କିନ୍ତୁ ତାରି ଭିତରେ ବିଭୁଙ୍କର ଲୁଚକାଳି ଖେଳ ପ୍ରକଟ କରେ - "ତୁମକୁ ପ୍ରଶ୍ନ" ରୁକ୍ଷ ମରୁ ମରୀଚିକାରେ ଧାଇଁ ଧାଇଁ ଏକାଟିଆ ଭକ୍ତଟିଏ ଖୋଜିଛି ବିଶ୍ୱନିୟନ୍ତାଙ୍କୁ, ଖୋଜିବାର ଅନ୍ତ ନାହିଁ, ଭକ୍ତ ଅବିଶ୍ରାନ୍ତ ସୁମରଣା କରୁଛି ନିଜର ଏକାନ୍ତ ପ୍ରାଣକାନ୍ତକୁ । ଧରଣୀ ସିକ୍ତ ହୁଏ ଭକ୍ତର ଚକ୍ଷୁ ବାରି-ପ୍ରବାହରେ । ତାହାହିଁ ଭକ୍ତର ଆନନ୍ଦ, ତାହାହିଁ କବୟିତ୍ରୀଙ୍କର ପ୍ରାଣସ୍ପନ୍ଦନ । କିନ୍ତୁ ଯେତେବେଳେ କବୟିତ୍ରୀ ନିଜର ଆପଣାର ପ୍ରିୟତମକୁ ପାଇ ସମୁଜ୍ଜ୍ୱଳ ଦୀପ୍ତିରେ ଦୀପ୍ତିମୟୀ ହୁଅନ୍ତି ଲଲାଟର ଲିଖନକୁ ନିଜର କରି ସେହି କଷ୍ଟବଟର ସ୍ନିଗ୍ଧଶୀତଳ ଛାୟାତଳେ ବସି ସ୍ୱପ୍ନର ଶିଖରୀକୁ ଦୂର ଚକ୍ରବାଳରୁ ନିରୀକ୍ଷଣ କରନ୍ତି । ଆତ୍ମା-ପରମାତ୍ମାଙ୍କର ଯୁଗନଦ୍ଧ ମିଳନର ସ୍ୱପ୍ନିଳ ଲଗ୍ନ ପ୍ରାଣବନ୍ତ ହୁଏ । 'ଜ୍ୱାଳା' ତାଙ୍କର ଅନିବାର କ୍ଷୁଧାକୁ ତୃପ୍ତି ଦାନ କରେ । ଲେଖନୀ ଭାଜି ପଡିଲେ ମଧ ଅକ୍ଷରର ଅକ୍ଷୟ ସ୍ମୃତି ଅନ୍ତରକୁ କ୍ଷଣକାଳ ଲାଗି ଜ୍ୱାଳାମୟ କରେ । କବୟିତ୍ରୀ ନିଜର ଦୋଷ ତ୍ରୁଟି ଆକଳନ କରନ୍ତି, "ଅର୍ଦ୍ଧାଙ୍ଗମୂର୍ତ୍ତି"ର ଇସ୍ତାହାରରେ ସେ ନିର୍ବାସିତା ହୋଇ ଲେଖନ୍ତି - 'ସେହି ପଥ ଅନୁସରି, ଏ ଦିନ ହେଉଛି ସାରି, ତୁମେ ମୋ ଅନ୍ତରତଳେ ନିରନ୍ତର ଅପୂର୍ବ ସଂଚିତ ।'

ମାତ୍ର ପରିଧିର ବଳୟ ଭିତରେ ସୀତାଙ୍କ ପରି ସେ 'ଅଭିଶପ୍ତା' ହୋଇ ହୃଦୟ ଥରାଇ ଗାଇ ବସନ୍ତି -

"କରାଳ କାଳ ଆବର୍ତ୍ତେ ଲିଭିଗଲ ସିନା" ହୋଇଥିଲି ମୁଁ ଶାପଗ୍ରସ୍ତ ତୁମରି ନିମିତ୍ତ ବିଧିର ଦୁର୍ଲଂଘ୍ୟ ନିୟମକୁ ଧରି କବୟିତ୍ରୀ ପଥଧାରରେ ପାଷାଣୀକନ୍ୟା ପରି ଚାହିଁ ରହନ୍ତି ଜଗଦୀଶ୍ୱରଙ୍କୁ ପଦସ୍ପର୍ଶ ପାଇଁ ।

Digitized by PPRACHIN, SOA

'ପ୍ରତାରିତା' କବିତାରେ ସେ କହନ୍ତି -

ଅନୁଭବୁଥାଏ ଖାଲି ସ୍ୱନ ନୂପୁରର

ତୁମେ ପରା ଅନ୍ତର୍ଯ୍ୟାମୀ ସବୁ ଜାଣିପାର ।

ଏହା ଯୁଗଯୁଗ ଅଭିସଂପାତର ଫଳଶ୍ରୁତି ମାତ୍ର । ପଦ ଅଚଳ ହୋଇଛି । କୋହ ଓ ଲୁହର ପ୍ରବାହରେ କରଚରଣ ନିଥର; କିନ୍ତୁ ସେ ସମର୍ପି ଦିଅନ୍ତି ସେହି ପ୍ରାଣପ୍ରିୟତମଙ୍କ ଶ୍ରୀଚରଣରେ । ଅହଲ୍ୟାର ଲୁହ, କୋହ-ଶ୍ରାବଣୀଠାରୁ କବୟିତ୍ରୀଙ୍କର ଅଶ୍ରୁ ଆଦୌ ଅ ସାର୍ ନୁହେଁ । ସେ କହନ୍ତି - 'କୋହ' କବିତାରେ 'ଅଚଳ ହେଲାଣି ପାଦ ନିଥର ଏ କର ତଥାପି ଭାବୁଛି ତୁମେ ମୋର ମୁଁ ତୁମର ।' ବିଭୁ ପଦତଳେ ସେ ସମର୍ପଣ କରି ଗଙ୍ଗା ଯମୁନା ବାରାଣାସୀକୁ ଯିବାକୁ ଚିନ୍ତା କରନ୍ତି ନାହିଁ । ପ୍ରାଣପ୍ରିୟତମ ବିଭୁଙ୍କର ପଦଧୂଳି ତାଙ୍କର ଶ୍ରେଷ୍ଠତମ ତୀର୍ଥ । ଧୂପ, ଦୀପ ତୁଳସୀଚଉରା ମୂଳରେ ମୁରୁଜ ଥାପି ଅର୍ଚ୍ଚନା ବନ୍ଦନା କରିବା ଅପେକ୍ଷା ବିଭୁଚରଣରେ ମଥାପିଟି ଆର୍ତ୍ତ ଚିତ୍କାରରେ ଅବାହନୀ ଗାନ କରିବା ସେ ଶ୍ରେଷ୍ଠ ପନ୍ଥା ବୋଲି ଭାବି ନିଅନ୍ତି । ଅବଶ୍ୟ ଜୀବନଟା ବ୍ୟର୍ଥ ଓ ବଂଚିବାର ଅର୍ଥରେ ସେ ଖୋଜନ୍ତି ଚିରବାଞ୍ଛିତର ପାଦଧ୍ୱନି - 'ବିଡମ୍ବନା' କବିତାରେ ସେତେବେଳେ ବିଭୁଙ୍କରଠାରୁ ମିଳେ ଇଶାରା, ଇଶାରା ନୁହେଁ ତ ଈଶ୍ୱରଙ୍କ ଅଙ୍ଗୀକାରବଦ୍ଧତା ।

"କୋଇଲିର କୁହୁତାନେ

ମୁକୁଳିତ ପୁଷ୍ପବନେ

ମଧୁର ମଧୁପତାନେ

ପ୍ରଣୟିତ ଆକୁଳଗୁଞ୍ଜନ

ଫେରିଯାଏ ଋତୁରାଜ ପୁତ୍ର ।"

କବୟିତ୍ରୀ ଦେଖନ୍ତି ତାର ଛାୟା ସ୍ୱରୂପକୁ, ବାନ୍ଧିରଖିବାକୁ ଚିରଦିନ ଲାଗି ପ୍ରୟାସୀ ହୁଅନ୍ତି । ପୁଣି ବିଶ୍ୱର କୋଣେ ଅନୁକୋଣେ ଖୋଜନ୍ତି । ତାହା ନ ପାଇ ନିଃସ୍ୱ ବୋଲି ଭାବନ୍ତି । ଏହାତ ଭକ୍ତର ଐକାନ୍ତିକ ଭକ୍ତି । ଗୋପିକାମାନେ ତ କୃଷ୍ଣଙ୍କୁ ନଦେଖି ନୟନର ପଲକକୁ ଅଭିଶାପ ଦେଇଥିଲେ 'ଗୋପୀଗୀତମ୍'ରେ । ଏହା କବିୟତ୍ରୀଙ୍କର ସେହି ସଂଗୁପ୍ତ ଭାବନା ନୁହେଁ କି ? 'ଅଦୃଷ୍ଟ' କବିତାରେ ସେ ସାଲିସ୍ କରି ନିଅନ୍ତି ଜୀବନ ସହ ।

ଦୁଇ ଆତ୍ମାର ଯୁଗନଦ୍ଧ ମିଳନ ଓ ପରେ ବିଚ୍ଛେଦରେ ମୋହନିଦ୍ରାଭଙ୍ଗ ହେବାମାତ୍ରେ ସେ ନିଃସଙ୍ଗଜୀବନର ପ୍ରତିଟି ମୁହୂର୍ତ୍ତକୁ ମାନସପଟରେ ରୋମନ୍ଥନ କରିଛନ୍ତି । ସବୁ ପ୍ରହେଳିକାମୟ । ରହସ୍ୟପୂର୍ଣ୍ଣ ଆକାଂକ୍ଷାରେ ଆକାଂକ୍ଷିତ ପୁରୁଷର ସ୍ମୃତିମୟ ଜୀବନଟା 'ପ୍ରହେଳିକା' କବିତାରେ ସ୍ୱପ୍ନ ଓ ସତ୍ୟର ଦୋଳାରେ ଦୋଦୁଲ୍ୟମାନ ହୁଏ । ନପାଇ ପ୍ରାୟଶ୍ଚିତ୍ତ କରିବାକୁ ଭକ୍ତଟିଏ ଭାବେ, ମନରେ ସନ୍ତାପ ଆସେ, କିନ୍ତୁ ଅବିରାମ-ଅଶ୍ରୁ

Digitized by PPRACHIN, SOA

ଅଭିଷେକରେ ସେ ପୁଣି ଅନୁଭବ କରେ ପ୍ରାଣପ୍ରିୟ ଦୟିତଙ୍କୁ । ପୁଣି ଦେଖିବାକୁ ଇଚ୍ଛା ହୁଏ । 'ଶ୍ରୀକୃଷ୍ଣ କର୍ଣ୍ଣାମୃତ'ରେ ବିଲ୍ୱମଙ୍ଗଳ ଏହିପରି ଗାଇଥିଲେ -

"ହେ ଦେବ ହେ ଦୟିତ ହେ ଭୁବନୈକବନ୍ଧୋ ।
ହେ କୃଷ୍ଣ ହେ ଚପଳ ହେ କରୁଣୈକସିନ୍ଧୋ
ହେ ନାଥ ହେ ରମଣ ହେ ନୟନାଭିରାମ
ହାହା କଦାନୁଭବିତାରସି ପଦଂ ଦୃଶୋ ମେ ।"

'ଅତୀତ' କବିତାରେ ନବୀନ ସୃଜନୀର ସ୍ୱପ୍ନସଂଭାର ମଧ୍ୟରେ ସେ ପ୍ରଭୁଙ୍କର ପଦଚିହ୍ନରେ ପାରିଜାତର ପ୍ରସ୍ଫୁଟନଙ୍କୁ କଳ୍ପନା କରି ଶ୍ୟାମଳ ଶାଦ୍ୱଳରେ ଦିବ୍ୟହାସ ପରିହାସରେ ସମ୍ମୋହିତା ହୁଅନ୍ତି । ପୁଣି କେତେବେଳେ ପାଷାଣୀ ପରି ରୁଦ୍ଧ କାରାଗାରରେ କ୍ରନ୍ଦନ କରନ୍ତି - ତାଙ୍କର ମର୍ମବାଣୀକୁ ପ୍ରିୟତମ ବୁଝିଲେ ନାହିଁ ବୋଲି ଅଭିମାନ କରନ୍ତି ।

ରୂପ, ଗୁଣ, ଯଶ କ୍ଷମତା, ବିକାଶ ସବୁ କର୍ମର ଲିଖନ ବୋଲି ତାଙ୍କର ଦିବ୍ୟ ଅନୁଭବ ହୁଏ 'ଅନୁଭବ' କବିତାରେ - କେବେ ବିଷାୟିତ ହୁଏ ପ୍ରାଣ ଜୀବନ କାହାଣୀ ପାଣ୍ଡୁର ହୁଏ । ପ୍ରୀତି ବରମାଲ୍ୟ ବଦଳରେ ସେ ଗରଳମୟ ବ୍ୟାଳକୁ ପିନ୍ଧନ୍ତି । ଏହା ସତେକି ଶ୍ରୀକୃଷ୍ଣଙ୍କ ବିହୀନେ ଶ୍ରୀରାଧାଙ୍କର ଅନୁଭବ ବୋଲି ମନେହୁଏ 'ଅଭୀପ୍ସା' କବିତାରେ ।

ତେଣୁ ସେ ଦଣ୍ଡ, ଦିନ, ବର୍ଷ, ମାସ ଅପେକ୍ଷା କରନ୍ତି ସେହି ପ୍ରାଣପୁରୁଷଙ୍କୁ ଖୋଜି ଖୋଜି 'ସନ୍ତପ୍ତା' ହୋଇ 'ସନ୍ତପ୍ତା' କବିତାରେ । ନପାଇ ନପାଇ ଛାଡ଼ି ଦିଅନ୍ତି ସମୟ ହସ୍ତରେ, ତାହାର ସମାଧାନ କରିବାକୁ 'ଧୀରେ ଧୀରେ ହୁଅ ତୁମେ ଅନନ୍ତ ଅବ୍ୟକ୍ତ' ବୋଲି ମନତଳ ଗୁମୁରି ଉଠେ 'ଅସମାହିତ' କବିତାରେ । ପୁଣି କାମନା ଗ୍ରାସ କରେ ମନକୁ, ଯେ ପ୍ରବୃତ୍ତି ଥିବାଯାଏ 'ତୁମକୁ ମୁଁ ନଦେବି ନିଷ୍କୃତି' ବୋଲି ଉଦ୍‌ଘୋଷଣ କରନ୍ତି । 'ଭଗ୍ନନୀଡ' କବିତାରେ ସୁବର୍ଣ୍ଣ ପିଞ୍ଜରା ଭାଙ୍ଗି ପକ୍ଷୀଟି ଉଡ଼ିଗଲା ପରେ ଆଉ କେବେ ଫେରେନାହିଁ । ଜୀବନକୁ ବ୍ୟର୍ଥ ବିଡମ୍ବନା କବଳିତ କରେ । ହୃଦୟରେ 'ପ୍ରତିଧ୍ୱନି' ଉଠେ - 'ଧୂଳି ସରସର ଧୂସର ଧୂଆଁ'ରେ ପ୍ରେତାୟିତ ସୃଜନ ପାଇଁ ସୃଷ୍ଟିରେ ନୂତନ ପ୍ରତିବିମ୍ବନ ବିମ୍ବିତ ହୁଏ । ଇଥର ତରଙ୍ଗରେ ତାର ପ୍ରତିଧ୍ୱନି ଦିଗନ୍ତବିସ୍ତାରୀ ହୁଏ । ମନେପଡ଼େ ଶୈଶବର ଆଇମା କାହାଣୀ - ମର୍ମସ୍ପର୍ଶୀ ଅନ୍ତର ବେଦନା କିନ୍ତୁ ସବୁର ସମାପ୍ତି ସତ୍ୟରେ ମିଶିଯାଏ - ଏହା ସତ୍ୟଶିବସୁନ୍ଦରର କଳ୍ପନା- 'ସ୍ପନ୍ଦନ' ଓ 'ଚିରନ୍ତନ' କବିତାରେ କବୟିତ୍ରୀ ଜୀବନ ଅନ୍ତରାଳରେ ଯବନିକାର ଶେଷ ଦୃଶ୍ୟ ଦେଖି ଓଁକାର ଧ୍ୱନିରେ ସମାଧିର ସ୍ୱର ଶୁଣି ସତ୍ୟ ଓ ସିଦ୍ଧିକୁ ଅନୁଭବ କରନ୍ତି । ମାନସିଂହ ଥରେ ଲେଖିଥିଲେ :

Digitized by PPRACHIN, SOA

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜୀବନେ ନାହିଁ
ଆସିବ ତାର ସମାଧି ପାଶେ
ଦେବ ଗୋ ତବ ଦେହର ଛାଇ ।"

ସେହି ଚିତାକୁ ଏକମାତ୍ର ଅବିନଶ୍ୱର ଅଲିଭା ରୂପେ ବିଦଗ୍ଧ ଜୀବନର ଦାରୁଣ ସତ୍ୟ ବୋଲି କବୟିତ୍ରୀ 'ଚିତା' କବିତାରେ ଲେଖିଛନ୍ତି । ସୀମାପାରେ ଦୂର ଦିଗବଳୟର ପରପାରରେ ଦେଖିଛନ୍ତି ସେ ଲିଭିଲିଭି ଆସୁଥିବା ବତୀଟିକୁ । ମନରେ ଭାବନ୍ତି ମୃତ୍ୟୁର ଜନ୍ମ ହେବକି ଆଉ ଥରେ ? ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ । କିନ୍ତୁ ମୃତ୍ୟୁର ଜନ୍ମ ହିଁ ମୃତ୍ୟୁରେ ହୋଇଥାଏ । 'କଳ୍ପନା' କବିତାରେ କବୟିତ୍ରୀଙ୍କର ଏପରି କଳ୍ପନା ହିଁ ଅକଳ୍ପନୀୟ ଅଟେ । 'ସୂର୍ଯ୍ୟ-ସୌଭାଗ୍ୟ' ଅସ୍ତମିତ ହେବା ପରେ 'ବିକଟ' ଅନ୍ଧାରର ପ୍ରବେଶ ଅପ୍ରତିହତ । କିନ୍ତୁ 'ଅନ୍ଧାର' କବିତାରେ 'ସୂର୍ଯ୍ୟାଲୋକ'ର ଛାୟାକୁ ଦେଖି ବାରୁଣୀଗଗନକୁ ଚାହିଁ ଚାହିଁ ତମିସ୍ରା ପଥରେ ଆଗେଇ ଚାଲନ୍ତି କବୟିତ୍ରୀ । ମଙ୍ଗଳ ପ୍ରଦୀପଟି ଜଳୁଛି । ମଉଳା ପୁଷ୍ପର ମାଳାଟି ନିଷ୍ପ୍ରଭ ହୋଇଛି । ଦେବତାଙ୍କୁ ଅଭିମାନ କରନ୍ତି ନିଜକୁ ସ୍ନେହ-ମନ୍ଦାକିନୀରେ ଭସାଉଥିବା ଦେବତାଙ୍କୁ ପାଖରେ ପ୍ରଶ୍ନ କରନ୍ତି, 'ଅଭିଶାପ' କବିତାରେ - ଅଭିମାନ ଓ ମାୟାମୃଗପଛରେ ଗୋଡେଇ ସେ ପାଇଲେ କ'ଣ ? ରାବଣ ତ ସୀତାଚୋରି ନକରି ମୃଗଟିକୁ ଧରି ତା ସହିତ ରାମଙ୍କୁ ହି ଚୋରିକରିନେଲା । 'ମାୟା' କବିତାରେ ଏପରି ଭାବନାଟି ବିରହ ବିଦଗ୍ଧ ଜୀବନର ଦୁର୍ବିଷହ ଜ୍ୱାଳା ଅଟେ କବିପ୍ରାଣର । 'ଚେତନା' କବିତାରେ ଆତ୍ମା ଯେଉଁ ପଥରେ ଲୀନ ହୁଏ ସେ ପଥର ସନ୍ଧାନଚିହ୍ନ କିଏ ଦେଖିଛି ? ଏହା ତ ନିୟତିର ଦୁର୍ଲଙ୍ଘନୀୟ ବିଧାନ ।

ସର୍ବଶେଷ କବିତା 'ଅକ୍ଷୟ'ରେ କବୟିତ୍ରୀ ଆଲୋକର ଔଜଲ୍ୟରେ ଦେଖିପାରନ୍ତି ସେହି ଚିରନ୍ତନ ସତ୍ୟକୁ -

ଯାହା ଦୂର ଦ୍ୟାବା ପୃଥିବୀର ସଂଯୋଗ ସ୍ଥଳରେ ଏବେ ମଧ ବହ୍ନିମାନ ଦୀପ୍ତ ଉଜ୍ଜ୍ୱଳ ହୋଇ ଜଳୁଛି । ସେହି ପ୍ରିୟତମ ବିଗ୍ରହ ହିଁ ପ୍ରାଣବନ୍ତ ହୁଏ । ସହସ୍ର ମରୀଚିମାଳିନୀ ସୂର୍ଯ୍ୟଙ୍କର ଗଭସ୍ତି ଚିର ଶାଶ୍ୱତ ଓ ଅକ୍ଷୟ ହୋଇ କବୟିତ୍ରୀଙ୍କର ପ୍ରାଣାକାଶକୁ ଦୀପ୍ତିମୟ କରେ ।

ବସ୍ତୁତଃ ସତ୍ୟ-ଶାନ୍ତି ଓ ମୈତ୍ରୀର ସାଧିକା ସେ, ଏହି ପୁସ୍ତକରେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଅନୁଶୀଳନ କରି ସତ୍ୟର ତୂର୍ଯ୍ୟ ଉଦ୍‌ଘୋଷଣରେ ଆହ୍ୱାନ କରନ୍ତି ପ୍ରତିଟି ଜନପ୍ରାଣକୁ ଯାତନା, ଯନ୍ତ୍ରଣା, ଜରା, ଦୁର୍ବିପାକ, ବାଧା, ବିଘ୍ନ, ବିପଦ, ଝଡ-ଝଞ୍ଜା ଓ ସୃଷ୍ଟି ପ୍ରଳୟାନ୍ତକ ଧ୍ୱାନ୍ତମୟ ପଥରେ ପ୍ରାଣପ୍ରିୟତମ ନିଜର ଇଷ୍ଟ ପରମେଶ୍ୱର ପରମାତ୍ମାଙ୍କ ସହ ପୁନର୍ମିଳନ ହେବାକୁ ପ୍ରୟାସ କରି ଚାଲ ବୋଲି ପ୍ରତିଟି ଗୁମ୍ଫିତ ଶବ୍ଦ-ଧ୍ୱନିରେ

Digitized by PPRACHIN, SOA

ଫୁଟି ଉଠେ ନିସ୍ତରଙ୍ଗ ସାଗରରେ ଉର୍ମିଳ ପ୍ରବାହ। ତାରି ଭିତରେ ଶୟନ କରନ୍ତି ପ୍ରାଣପ୍ରିୟତମ 'ଅନନ୍ତଶୟନ' ନୂତନ ସୃଷ୍ଟିଲାଗି। ନାଭିରୁ କମଳଟିଏ ଉଦ୍‌ଭବ ହୁଏ। ପ୍ରଜାପତିଙ୍କର ନବତଳ ସୃଷ୍ଟି ପାଇଁ ଉନ୍ମେଷ ଘଟେ। 'ମୁହୂର୍ତ୍ତ' 'ମୁହୂର୍ତ୍ତ' ବିତିଯାଏ। ଯୁଗଯୁଗ କାଳଗର୍ଭରେ ମିଶି ପୁଣି ନିତ୍ୟନୂତନ ସୃଷ୍ଟିସଂଭାରରେ ନୂତନ ଆଲିଂପନରେ କବିପ୍ରାଣରେ ସୃଷ୍ଟି ହୁଏ ବେପଥୁମୟ ନବୀନ ତରଙ୍ଗ। ତାହାହିଁ ବାସ୍ତବ ସତ୍ୟ। କବି ଲେଖନୀରୁ ଝରିପଡ଼େ -

"ମଣୁଥାଏ ତାହାକୁ ମୁଁ ବାସ୍ତବରୁ ସତ୍ୟ
ଅବର୍ଣ୍ଣିତ ନିର୍ମଳତା ସ୍ୱଚ୍ଛରୁ ଅଧିକ
ସହସ୍ର ତେଜରୁ ସିଏ ବଳି ଦୀପ୍ତିମୟ
ମୋହପାଇଁ ଶାଶ୍ୱତରୁ ଆହୁରି ଅକ୍ଷୟ।"

ଏପରି ବିଶୁଦ୍ଧ, ନିତ୍ୟ, ଚିରନ୍ତନ ଶାଶ୍ୱତ ଅବିନଶ୍ୱର ଝଲକରେ କବିପ୍ରାଣ ଉଦ୍‌ବେଳିତ ଉତ୍‌ପ୍ଲାବିତ ହୁଏ। କାଳ ହାର ମାନେ। କବି ହୁଏ କାଳଜୟୀ। ଲେଖନୀ ତାର ସେହି କାଳଜୟୀ କବିତା ଲେଖି ଚିରଦିନଲାଗି ନୂତନ ପଥ ଦେଖାଏ ଆଗନ୍ତୁକ ପିଢ଼ି ପାଇଁ।

ମା ରମାଦେବୀ ସେହି କାଳଜୟୀ କବିତା ଲେଖି ଆଗାମୀ ପିଢ଼ି ପାଇଁ ଯେଉଁ 'ଅମଡାବାଟ' ଟିଏ ସୃଷ୍ଟି କଲେ ତାହା ଆମଲାଗି ହେଉ ଚିର ଅନିର୍ବାଣ ବର୍ତ୍ତିକାଟିଏ। ତାଙ୍କର ଲେଖନୀରୁ ଏପରି ଆଗାମୀ ଯୁଗ ଲାଗି କବିତାର ନିସ୍ୟନ୍ଦନୀ ଓ ଅମଳ ଅମନ୍ଦ ମନ୍ଦାକିନୀ ସୃଷ୍ଟି ହେଉ ଆଗାମୀ ଯୁଗର ଭଗୀରଥ ପାଇଁ। ଶଙ୍ଖଧ୍ୱନିରେ ତାଙ୍କର କବିତାର ଝଙ୍କାର ମର୍ମରିତ ହେଉ। କଳାଠାକୁର ତାଙ୍କୁ ଚିରଦିନ ଉର୍ଦ୍ଧ୍ୱସ୍ୱଳ କବିତା ଧୀଷଣାରେ ସମୁଜ୍ଜ୍ୱଳ କରନ୍ତୁ - ଏତିକି ମାତ୍ର ପ୍ରାର୍ଥନା।

ଶ୍ରୀ ସାରଙ୍ଗଧର ରାୟଗୁରୁ
ବଳଗଣ୍ଡି, ପୁରୀ

Digitized by PPRACHIN, SOA

ମୋର ପଦେ

ଅନେକେ କହନ୍ତି - ଆପଣ ନିଜ କଥା ନଲେଖି ଦୁନିଆର ଭଲମନ୍ଦକୁ ଭାବି ଲୋକଙ୍କ କାମରେ ଆସିଲାପରି କିଛି ଲେଖନ୍ତୁ। ମୁଁ କିନ୍ତୁ ଭାବେ ମୁଁ ଏତେ ସବଳ ନୁହେଁ। ତୁମେ କହିବ, 'ତୁମେ ଯୁଦ୍ଧକ୍ଷେତ୍ରରେ 'ଅସି' ଚାଳନା କରି ଶତୃସଂହାର କର। ତାହା କ'ଣ ମୁଁ ସହଜରେ ପାରିବି ? ମୋ ବିଚାରରେ 'ଅସି' ଉଠାଇ ନ ପାରିଲେ ଭୀମପୁତ୍ର ବେଲାଳସେନ ପରି ସାମାନ୍ୟ ତୀରଟିଏ ଘଷିଘଷି ତାର ମୁନକୁ ଶକ୍ତ କରିପାରିବି ଆମର ଏଇ ଦୁନିଆ ପାଇଁ। ସେହିପରି ମୋର ଏ ଦୀର୍ଘଦିନର ଲେଖନୀ ଚାଳନା କେବଳ ବେଲାଳସେନ ଶର ସଦୃଶ।

ଆମେ ସ୍ୱାଧୀନତା ପାଇଲା ପରେ ମନେ ହେଉଥିଲା ଅନ୍ତତଃ ନାରୀମାନଙ୍କର ଆଉ କିଛି ଅସୁବିଧା ରହିବନି। କାରଣ ଆମେ ବର୍ତ୍ତମାନ ସ୍ୱାଧୀନ ଦେଶର ନାଗରିକ। କିନ୍ତୁ ଆମମାନଙ୍କର ସ୍ୱାଧୀନତା ବେଳେବେଳେ ବିପରୀତ ଅର୍ଥବୋଧକ ହେଉଅଛି। କଥାରେ କହନ୍ତି 'ଦୃଢ଼େ ତରନ୍ତି, ମୂଢ଼େ ତରନ୍ତି, ମଝି ମଝିଆ ବୁଡ଼ି ମରନ୍ତି।' ଏହି ନାରୀ ଦୃଢ଼ତାର ସହିତ କିଏ ରାଷ୍ଟ୍ରପତି ହେଲାଣି ତ କିଏ ପ୍ରଧାନମନ୍ତ୍ରୀ, କିଏ ମୁଖ୍ୟମନ୍ତ୍ରୀ କିଏ ପୁଣି ବାଚସ୍ପତି ହୋଇଅଛି। ଅନେକ ଉଚ୍ଚପଦ ଲଭି ବହୁ ଜନହିତକର କାର୍ଯ୍ୟ କଲେଣି। ଆଉ ଅନେକ ମୂଢ଼ ପଣିଆରେ ଗାଁ ଗହଳରେ ହାଣ୍ଡିଶାଳେ ବାନ୍ଧି ହୋଇ ନିଜ ଘରକରଣାରେ ସନ୍ତୁଷ୍ଟ ହୋଇ ସୁଖରେ ଅଛନ୍ତି। ବାକି ମଝିଆମାନେ ପିମ୍ପୁଡ଼ିର ଡେଣା ଲାଗିଲା ପରି ନିଜକୁ ସ୍ୱାଧୀନ ଭାବି ସମାଜର ନିଆଁ ଧାସରେ ଡହଳବିକଳ ହୋଇ ଶେଷରେ ପୋଡ଼ିମରିବା ସାର ହେଉଅଛି। ଅନେକ ସ୍କୁଲ, କଲେଜ ଛୁଉଁଛନ୍ତି ବା ଟି.ଭି. ସିନେମା ପ୍ରଭୃତି ଦେଖି ଅନୁକରଣ କରିନେଉଅଛନ୍ତି। ତାଙ୍କ ଉପରେ ଲଗାପଘା କିଛି ରହୁନାହିଁ। ଏପରିକି ଦେହରେ ପୋଷାକ ରଖିବାକୁ ବି ସେମାନେ କୁଣ୍ଠାବୋଧ କରୁଛନ୍ତି। ଏବଂ ଏ ସମାଜର ଅଧିକାଂଶ ବ୍ୟକ୍ତି ଦୁର୍ନୀତି ରାକ୍ଷସର ଶିକାର ହେଉଅଛନ୍ତି। ଯୁଗ ତ ପରିବର୍ତ୍ତନଶୀଳ। କାଳକ୍ରମେ

ପନ୍ଦରବର୍ଷ ବୟସରେ କବୟିତ୍ରୀ

Digitized by PPRACHIN, SOA

'ଯବନ' 'ବର୍ଗୀ' ଓ 'ଫିରିଙ୍ଗୀ' କବଳରୁ ଥରକୁ ଥର ମୁକୁଳି ଶେଷରେ ଆମ ପୂର୍ବପୁରୁଷଙ୍କ ତ୍ୟାଗ ଆମକୁ ସ୍ୱାଧୀନତା ଆଣି ଦେଇଛି । ଅତି ବିଶୃଙ୍ଖଳା ପରେ କେହି କଠୋରପନ୍ଥୀ ଆସି ଆମ ଦେଶକୁ ଦିନେ ଶୃଙ୍ଖଳିତ କରିଦେବ ବୋଲି ମୋର ବିଶ୍ୱାସ । ସେତେବେଳକୁ ମୁଁ ନଥିବି ସିନା, ଲେଖନୀ ତ ଦୀର୍ଘସ୍ଥାୟୀ । ମୁଁ ଯାହାକୁ ଲେଖୁଛି ସେ ଲେଖା ଆଧୁନିକ ଲେଖା ହେଲେ ବି ତାର ବାର୍ତ୍ତା ବହୁ ପୁରାତନ ।

ଏ ଦେଶର ନାରୀ ସବୁବେଳେ ତାର ସ୍ୱାମୀକୁ ଦେବତା ଆସନରେ ଦେଖିଛି, ଯାହାପାଇଁ ଆମ ସଂସ୍କାର ଏବଂ ଶୃଙ୍ଖଳା ଆଜିଯାଏଁ ତିଷ୍ଠି ରହିଛି । ଏଣିକି ସ୍ୱଇଚ୍ଛା ବିବାହ, ଛାଡପତ୍ର ଓ ବିନାସ୍ୱାମୀ ସନ୍ତାନର ପରିଚୟ ସମ୍ମାନର ସହିତ ଗ୍ରହଣୀୟ ହୋଇଗଲାଣି । ତେଣୁ ଆସ୍ତେ ଆସ୍ତେ ସ୍ୱାମୀ ସ୍ତ୍ରୀ ଦୁହେଁ ଦୁହିଁଙ୍କର ଅନାବଶ୍ୟକ ହୋଇପଡିଲେଣି । ପୁଣି ବେଳେବେଳେ ଆଗରୁ ସମ୍ପର୍କ ଥିବା ସ୍ୱାମୀକୁ ଛାଡ଼ି ନୂତନ ସ୍ୱାମୀଙ୍କୁ ବିବାହ କରି ପୁଣି ଦରକାର ପଡିଲେ ବିବାହିତ ସ୍ୱାମୀକୁ ଛାଡ଼ି ଆଉଥରେ ପୂର୍ବତନ ସ୍ୱାମୀକୁ ବିବାହ ପଞ୍ଜୀକରଣ କରାଉଛନ୍ତି । ଥରେ ଜଣେ ପୂର୍ବ ନିର୍ବାଚିତ ସ୍ତ୍ରୀକୁ ତା ସ୍ୱାମୀର ଛାଡପତ୍ର କରି ଦିଆଇ ଆଉଥରେ ନିଜେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ତା ମାଆ ବିରକ୍ତ ହୋଇ କହିଲେ ଯେ - ତା'ର ପରା ଦୁଇଟା ଝିଅ ହେଲେଣି ? ପୁଅ ଅତ୍ୟନ୍ତ ବିରକ୍ତ ହୋଇ କହିଲା - କ'ଣ ହେଲା ସେଥିରୁ ? ମୋର ଏତେଦିନର ହଜିଲାଧନକୁ ପାଇଛି, ତୋତେ ଟିକେ ଖୁସି ଲାଗୁନି ? ପ୍ରଥମରୁ ତାକୁ ବିଭାହୋଇଥିଲେ ମୋର କ'ଣ ଝିଅ ଦୁଇଟି ହୋଇନଥାନ୍ତେ ?

ଯେଉଁ ଚାରିତ୍ରିକ ନିଷ୍ଠା ସ୍ୱାମୀ ଓ ସ୍ତ୍ରୀ ଦୁହିଁଙ୍କର ପରମ କର୍ତ୍ତବ୍ୟ ଥିଲା, ଆଜି ତାହା କୁଆଡ଼େ ଗଲାଣି । ବିବାହିତା ନାରୀର ସ୍ୱାମୀହିଁ ସର୍ବଶ୍ରେଷ୍ଠ ସ୍ନେହ, ଶ୍ରଦ୍ଧା ସମ୍ପତ୍ତି ପରି ସବୁକିଛି । ଯେଉଁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଅନାବିଳ ସ୍ନେହ, ତାଙ୍କ ପରି ସୁଖୀସଂସାର ଆଉ କାହାରି ନାହିଁ । ତେଣୁ ମୁଁ ମୋର ଏହି ଲେଖାକୁ କାଗଜ-କଲମର ଲେଖା ଭାବେନାହିଁ । ମୋର ଏ ତାଳପତ୍ର ଖେଦାରେ ସତେ ଯେପରି ଲେଖନୀର ଲେଖା ଆଜି ନହେଉ କେଉଁ କାଳେ କାହା କାମରେ ଲାଗିବ । ଏତିକି ମୋର ମୋ ଦେବତାଙ୍କ ପାଖରେ ପ୍ରାର୍ଥନା । ତାକୁଇ ମୋ ଆପଣାମାନଙ୍କୁ ଅର୍ପଣ କରିଯିବି । ତାକୁ ଏକାଠି କରି ଗ୍ରନ୍ଥାବଳୀ ଆକାରରେ ଛାଡ଼ିଯିବି ଯାହାକୁ କାଳଝଡରେ ଲିଭିବାକୁ ସମୟ ଲାଗିବ ।

ଶେଷରେ ଶ୍ରୀଯୁକ୍ତ ସାରଙ୍ଗଧର ରାୟଗୁରୁଙ୍କୁ ତାଙ୍କ ଅଭିମତରେ ପୁସ୍ତକଟିକୁ ଏକରକମ ସମୀକ୍ଷା କରିଥିବାରୁ ତାଙ୍କୁ ବହୁ ଆଶୀର୍ବାଦ ଦେବା ସହିତ ଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘନିରାମୟ ଜୀବନ କାମନା କରୁଅଛି । ଲେଖିବାରେ ସାହାଯ୍ୟ କରିଥିବାରୁ ଅଧ୍ୟାପିକା ବାସନ୍ତୀଦେବୀ ଓ ଶିବସୁନ୍ଦର ମିଶ୍ରଙ୍କ ଶୁଭକାମନା କରୁଅଛି ।

ଇତି

ମା' ରମାଦେବୀ

ଦ୍ୱାରକାପୁରୀ, ପୁରୀ

Digitized by PPRACHIN, SOA

ସୂଚୀପତ୍ର

ଅକ୍ଳାନ୍ତ ■ ୧୫
ଏକାନ୍ତ ■ ୧୬
ପ୍ରୀତି-ପ୍ରଣୟ ■ ୧୮
ତୁମକୁ ପ୍ରଶ୍ନ ■ ୧୯
ସୁମରଣା ■ ୨୦
ଅନୁରକ୍ତି ■ ୨୧
କ୍ୱାଳା ■ ୨୨
ନିର୍ବାସିତା ■ ୨୩
ଅଭିଶପ୍ତା ■ ୨୪
ପ୍ରତାରିତା ■ ୨୫
କୋହ ■ ୨୬
ଉଜାଗର ■ ୨୭
ବିଡମ୍ବନା ■ ୨୮
ମର୍ମଦାହ ■ ୨୯
କ୍ରୂରପରିହାସ ■ ୩୦
ଇଶାରା ■ ୩୧
ଅଦୃଷ୍ଟ ■ ୩୨
ନିଃସଙ୍ଗ ■ ୩୪
ପ୍ରହେଳିକା ■ ୩୫
ସଂତାପ ■ ୩୬
ଅତୀତ ■ ୩୭
ପାଷାଣୀ ■ ୩୮
ଅନୁଭବ ■ ୩୯
ଅଧୀନା ■ ୪୦
ପ୍ରବଞ୍ଚକ ■ ୪୧
ଦୃଷ୍ଟି ■ ୪୨
ଅଭୀପ୍ସା ■ ୪୩
ସନ୍ତପ୍ତା ■ ୪୪
ଅସମାପ୍ତ ■ ୪୫
ଅସମାହିତ ■ ୪୬

Digitized by PPRACHIN, SOA

କାମନା ■ ୪୭
ଭଗ୍ନନୀଡ ■ ୪୮
ପ୍ରତିଧ୍ୱନି ■ ୪୯
ସ୍ପନ୍ଦନ ■ ୫୦
ନିଚ୍ଛକ ■ ୫୧
ସତ୍ୟସିଦ୍ଧ ■ ୫୨
ଚିତା ■ ୫୩
ଅସମର୍ଥ ■ ୫୪
କଳ୍ପନା ■ ୫୫
କି ଆନନ୍ଦେ ଏ ସଂସାର ■ ୫୬
ଇଚ୍ଛା ■ ୫୭
ସମୀକ୍ଷା ■ ୫୮
ଅନ୍ଧାର ■ ୫୯
ଅନୁଭବ ■ ୬୦
ଅଭିଶାପ ■ ୬୧
ମାୟା ■ ୬୨
ଅନିର୍ବାର ■ ୬୩
ସ୍ମୃତି ■ ୬୪
ବେଦନା ■ ୬୫
ଅକ୍ଷୟ ■ ୬୬
ଜାଗୃତି ■ ୬୭
ମହାତୀର୍ଥ ■ ୬୮
ଉପେକ୍ଷିତା ■ ୬୯
ଦୁଷ୍ପ୍ରାପ୍ୟ ■ ୭୦
ସାହାରା ■ ୭୧
ସଙ୍ଗମେ ■ ୭୨
ବନ୍ଦିନୀ ■ ୭୩
ମରୀଚିକା ■ ୭୪
ବେଭାର ■ ୭୫

Digitized by PPRACHIN, SOA

ଅକ୍ଲାନ୍ତ

ଯେଉଁଠାରେ ଏ ଦୁନିଆ
ଏମୁଣ୍ଡେ ସେମୁଣ୍ଡେ
ଖଞ୍ଜି ହୋଇ ରହିଅଛି
ନିଆଁ ଦୁଇମୁଣ୍ଡେ ।
ତା' ବଡ଼ଦାଣ୍ଡର ସେହି
ତାତିଲା ବାଲିରେ
ଆଜିସୁଦ୍ଧା ନୁହେଁ କ୍ଲାନ୍ତ
ମୋ ପାଦ ଚାଲିରେ ।
ତହିଁ ଅଛି ଶୈଶବର
ସ୍ୱପ୍ନ ଅସୁମାରୀ
ରହିଛି ବି ତାରୁଣ୍ୟର
ତୂର୍ଯ୍ୟନାଦ ଭରି ।
ଯୌବନେ ଜୀବନଯାତ୍ରା
ନୋହିଛି କୃପଣ
ଏଯାଏଁ କରିନି ମନ
ବାର୍ଦ୍ଧକ୍ୟ ବରଣ
ପୁଣ୍ୟପଥେ ପରିପୂର୍ଣ୍ଣ
ଯେତେ ଭଲ ମନ୍ଦ
ଝରଇ ଶିଶିରସିକ୍ତ
ଅଶ୍ରୁର ଆନନ୍ଦ ।
ପଛକୁ ଚାହିଁଲେ ଜଳେ
ଏକ୍ରୁଡ଼ିଟା ଖରେ
ତା ମୁହୂର୍ତ୍ତ ହେବ ଶେଷ
ଆସନ୍ତା ଜୁଇରେ ।

■■■

Digitized by PPRACHIN, SOA

ଏକାନ୍ତ

ତୁମେ ମୋର ବ୍ୟକ୍ତିଗତ
କେବଳ ଏକାନ୍ତ
ହୋଇପାର ଅବା ତୁମେ
ମୋ ବଂଶାନୁଗତ ।

ଜାଣେନା ମୁଁ କି ସମ୍ପର୍କ
ତୁମର ମୋହର
ତୁମେ ମୋତେ ମୁଁ ତୁମକୁ
କଲେଇଁ ନିଜର ।

ମୋତେ ଲାଗେ ତୁମେ ମୋର
କେବଳ ପ୍ରେରଣା,
କାହିଁକି ସମ୍ପୃକ୍ତ ଅବା
ସେ କଥା ଜାଣେନା
ଅନ୍ତରର ଯନ୍ତ୍ରଣାକୁ
ଦେଇଛ ଆଶ୍ରୟ
ସେହି ପରାଜୟପଥେ
ଅଟେ ମୋ ବିଜୟ ।

ନଥିଲା ସେ ଅର୍ଚ୍ଚନାର ବେଳ
ନୁହେଁ ବି ସେ ସାଧନାର ଫଳ
ଏହା ଶ୍ରେଷ୍ଠ ତପସ୍ୟାରେ ଗଣ୍ୟ
ଜୀବନ ସାୟାହ୍ନେ ତୁମେ
ହୋଇଲ ମଧ୍ୟାହ୍ନ ।

Digitized by PPRACHIN, SOA

ଆଜି ସୁଦ୍ଧା ଉଚ୍ଛୁଳଇ ଯାହାର ପ୍ରତିଭା
ନୀହାରିକା ପଥେ ମୋର
 ସେହି ପୁଣ୍ୟପ୍ରଭା
ସମସ୍ୟା କରିଲା ଯେବେ
 ବ୍ୟସ୍ତତାର ସୃଷ୍ଟି
କାହୁଁ ଭରି ଦେଲ ଆଣି
 ଶବଦ ସମଷ୍ଟି ।

ଅଶ୍ରୁ ସାଥେ ମିଶିଗଲା
 କଜ୍ଜ୍ୱଳର ଗାର
ଲେଖନୀ ଗାଇଲା କରି
 ଏକାନ୍ତ ନିଜର ।

■■■

Digitized by PPRACHIN, SOA

ପ୍ରୀତି-ପ୍ରଣୟ

ପ୍ରେମ ଏ ଜୀବନେ ପରମ ସମ୍ପଦ
ସୁଚିନ୍ତା ତାର ବିଭୂତି
ବିଶୁଦ୍ଧ ପ୍ରେମର ପ୍ରଦର୍ଶନେ ସିନା
ମହତ୍ତ୍ୱ ଉଠଇ ଫୁଟି
ଉତ୍କଳ ସଂସ୍କୃତି ଉତ୍କଳୀୟ କୀର୍ତ୍ତି
କାବ୍ୟକବିତାରେ ଦୀପ୍ତ,
ଉତ୍କଳର କବି କରିଯାଇଛନ୍ତି
କୀର୍ତ୍ତିକୃତି ରୂପାୟିତ ।
ଗଙ୍ଗା ଯମୁନାର ସଙ୍ଗମସ୍ଥଳ ସେ
ପ୍ରୀତି ମନ୍ଦାକିନୀ ଧାରା
ସେ ଚେତନା ମଧ୍ୟେ ସରସ୍ୱତୀ ପୁଣି
ଥା'ନ୍ତି ଅନ୍ତଃସଲିଳା ।

ପ୍ରେମର ନିକ୍ୱଣ ନୁହେଁ ଆଖିକୋଣ
ଖାଲି ବିନ୍ଦୁ ବିନ୍ଦୁ ଜଳ
ଲେଉଟି ଚାହିଁଲେ କାଳ କପାଳକୁ
କରୁଥାଏ ସମୁଜ୍ଜ୍ୱଳ ।
ପ୍ରେମେ ପ୍ରୀତିଟିକୁ ବିଶୁଦ୍ଧ କରିଲେ
ପ୍ରଣୟଟି ମୁଖ୍ୟକଥା
କିନ୍ତୁ ପ୍ରଣୟରେ ନଥିଲେ ଶୁଦ୍ଧତା
ପୌରୁଷ ଆଉ ଦୃଢ଼ତା ।
କାରୁଣ୍ୟ ଧୌତ ସିଂହାସନ ପରେ
ଯେବେ, ବସିନି ପ୍ରିୟ ପୁରୁଷ
କିବା ସେ ଆଲେଖ୍ୟ କିବା ମୂଲ୍ୟ ତାର
କାହିଁ ବା ତହିଁରେ ଯଶ ।

■■■

Digitized by PPRACHIN, SOA

ତୁମକୁ ପ୍ରଶ୍ନ

ମାଟି, ପାଣି, ପାଉଁଶ, ପବନ
ଯେଉଁଠି କର ବା ତୁମେ ଆତ୍ମସଂଗୋପନ
ମୋହଠାରୁ ପାରିବକି ଲୁଚି
ମୋର ନାହିଁ ମାନ ଅଭିମାନ
ଖୋଜିନି ବି ସାମାନ୍ୟ ସମ୍ମାନ
ତଥାପି କହ କାହିଁକି ନ ପାରୁଛି ଘୁଞ୍ଚି ?

ଆସୁ ବନ୍ୟା, ଆସୁ ବାତ୍ୟା, ନ କରି ଅପେକ୍ଷା
ଅଲକ୍ଷ୍ୟେ ଚାଲିଛି ଡଙ୍ଗା ଖରସ୍ରୋତ ଭେଦି,
ଦଦରା ଡଙ୍ଗାରେ ମୁହିଁ ବସିଛି ଏକାକୀ
ଉଦ୍‌ବେଳିତ ପରାଣଟା ନପାରୁଛି କାନ୍ଦି ।

ଆଜିସୁଦ୍ଧା ସେ ଅନ୍ତରେ ଭାବିପାରିବ କି ଥରେ
ଏକୁଟିଆ ଜୀବନଟା କେଡ଼େ ଭୟଙ୍କର ?
ମୁଁ ତୁମକୁ ତୁମେ ମୋତେ, ଅଦୃଶ୍ୟ ହେଲେ ବି ଯେତେ
ଲାଗେ ତୁମେ ଖେଳୁଅଛ ଲୁଚକାଳି ଖେଳ ।

■■■

Digitized by PPRACHIN, SOA

ସୁମରଣା

ଜାଣୁଛି ମୁଁ ତୁମଛଡା ନାହିଁ ମୋ ନିସ୍ତାର
ଜାଣନ୍ତେ କି ଅଜାଣତେ
ହଜିଛି ମୁଁ ତୁମ ପାଶେ
ଯେଣୁ ତୁମପାଇଁ ମୁଁ ଅନନ୍ତ ବିଭୋର ।

ଜାଣେନି କାହିଁକି ଅବା ହୁଅଇ ସୁମରି
ତୁମେ ଆଉ ନୁହେଁ ମୋର
ମୁଁ ନୁହେଁ ତୁମରି
ଭୋଗି ଭୋଗି ଦଣ୍ଡ ନିର୍ବାସନ
ଏ ମନଟା ହୁଏ ଉଦାସୀନ
ଶୁଖି ଯାଏ ଧୀରେ ଧୀରେ
ରକ୍ତ ତୁମପାଇଁ
ଧରଣୀ କରୁଛି ସିକ୍ତ ଅଶ୍ରୁରୂପେ ବରି
ହୋଇଛି ମୁଁ ରୁକ୍ଷ ମରୁ, ତୁମେ ମରିଚୀକା
ତୃଷ୍ଣାରେ ମୁଁ ଜଳିଜଳି ଧାଇଁଛି ତ ଏକା
ଦୀର୍ଘଦିନ ଗୋଡାଇ ମୁଁ ହାରିଛି ଅସ୍ତିତ୍ୱ
ତଥାପି ଧାଇଁଛି ଆଜି ହୋଇ କ୍ଲାନ୍ତ ଶ୍ରାନ୍ତ ।

■■■

Digitized by PPRACHIN, SOA

ଅନୁରକ୍ତି

ହୃଦୟ ମୋ ରୁଦ୍ଧ ଥିଲା ତମସା ତିମିରେ
ଅନ୍ଧ ଥିଲି ଘୋର ଅନ୍ଧକାରେ
ଖୋଜୁଥିଲି ଚିରନ୍ତନ ଅନ୍ତହୀନ ସାଥେ
ଅନାସକ୍ତ ଆସକ୍ତିର ସ୍ୱଚ୍ଛ ଅନୁରକ୍ତି ।
ତୁମେ ହେଲ ଅତୃପ୍ତିର ପରିତୃପ୍ତ ସାଥୀ ।

ତୁମେ ମୋ କଳ୍ପନା ଜ୍ୱଳନ୍ତ ପ୍ରତିମା
ପ୍ରୀତିମନ୍ତ ଚିରଦୀପ୍ତ ଦୁଇ ଗୋଟି ଆଖି
ସ୍ଥିତି ହେଲା ସମୁଜ୍ଜ୍ୱଳ ତୁମକୁ ମୁଁ ପାଇ
ହେଲ ମୋ ଲଲାଟ ରେଖା କଳ୍ପିତ କଳ୍ପନା
କଳ୍ପବଟ କଳ୍ପତରୁ ଛାଇ ॥

କି କୁକ୍ଷଣେ ସମୟର ବିଷାକ୍ତ ଦଂଶନେ
ହାରି ଏକ ଦୀପ୍ତିମୟ ଆଖି
ଅନ୍ୟଟି ତ କଳ୍ପନାର ଚକ୍ରବାଳ ଡେଇଁ
ଆଉ କିଛି ନପାରେ ନିରେଖି ॥

ମୁଁ ଏକା ହୁଏ ବିକଳ ଯୁଗଳ ତ ଚିରକାଳ
ଗୋଟିଏ ତନୁରେ ଆମେ,
ସଙ୍ଗୀ ଏକମନେ
ଡେଙ୍ଗରୁ ପଡିଲେ ଝରି
ମନ ପାରିବ କି ହୁଡ଼ି ଏକ ଆତ୍ମା ଥିଲା ବୋଲି ଦିନେ ॥

■■■

Digitized by PPRACHIN, SOA

ଜ୍ୱାଳା

ଲେଖିଲେଖି ଏ ଲେଖନୀ
ପଡିଲାଣି ଭାଜି
ଯେତେଥର ଯେତେ ଲେଖେ
ଯେତେ ଯାଏ ଗାଇ
ସେତିକି କଳ୍ପନା ମୋର ଯାଉଥାଏ ହଜି ॥

ଜାଣେନା ମୁଁ ଆଉ କି ପ୍ରକାରେ
ଅବା କରିବି ପ୍ରକଟ,
ମିଳନ ବିଚ୍ଛେଦେ ଅବା ସମ୍ପଦେବିପଦେ
ଯେତେଦୂରେ ଥାଇ ସୁଦ୍ଧା ସେତିକି ନିକଟ ॥

ଅକ୍ଷର ରେଖାରେ ପୁଣି ବହୁପୁସ୍ତିକାରେ
ଅର୍ଦ୍ଧନିଦ୍ରାବଶେ ଅବା ଥାଇ ଉଜାଗରେ
ଅନ୍ତର ମୋ ହୋଇଥାଏ ଜ୍ୱାଳାମୟ ସଦା
ତୁମକୁ କରିଲେ ବ୍ୟକ୍ତ ହୋଇଯିବ ଅବା ତୃପ୍ତ
ଏ ଜୀବନୁ ଅନିର୍ବାର କ୍ଷୁଧା ।

■■■

Digitized by PPRACHIN, SOA

ନିର୍ବାସିତା

ଦିଶେ ସବୁ ଅନ୍ଧକାରମୟ
ମହାଦାବାନଳେ ସଦା ଜଳୁଥାଏ ଦେହ
ଯହୁଁ ପ୍ରାଣ ଘେନୁଥାଏ ଶେଷ ପରିଚୟ ।

ନପାରି ସମ୍ଭାଳି ମୋତେ ଦେଲ ଯେ ଆଘାତ
ସରଗେ ଯିବାକୁ କେବେ ମନାସି ନଥିଲି
ଜାଣେନି ମୁଁ କିବା ଦୋଷେ କଲ ନିର୍ବାସିତ ।

ଥିଲା ଆମ ଏକ ଆତ୍ମା ଥିଲା ଏକ ସ୍ଥିତି
ତୁମକୁ ମୁଁ ରଖିଥିଲି ହୃଦୟେ ସାଇତି
ଦୁହିଁଙ୍କୁ ମିଶାଇ ଭବେ ଅର୍ଦ୍ଧାଙ୍ଗ ମୂରତି ।।

କି ଦୋଷ ଥିଲାଟି ମୋର କିଂପା କଲ ମୋ ଉପରେ
ଏତେ ଅବିଚାର
ଏହାକୁ କହନ୍ତି କ'ଣ ସଂସାର ବେଭାର ?
ଏ ସଂସାର ବିଚିତ୍ର ସଂଗ୍ରାମେ
ତୁମସାଥେ ପଡି ଭ୍ରମେ
ହୋଇଗଲି ଆପେ ପରିଚିତ
ତୁମେ ମୋର ପରିଚୟ ଜାଣିଛ କି ନାହିଁ କହ
କଲ ଯହୁଁ ନିର୍ଦ୍ଦୟେ ବଞ୍ଚିତ
ସେହିପଥ ଅନୁସରି ଏ ଦିନ ଦେଉଛି ସାରି
ତୁମେ ମୋ ଅନ୍ତରେ, ନିରନ୍ତରେ ଅପୂର୍ବ ସଞ୍ଚିତ ।।

■■■

Digitized by PPRACHIN, SOA

ଅଭିଶପ୍ତା

ନିଃସ୍ୱ ଏ ଜୀବନବ୍ୟାପୀ
ମୋ ଅନ୍ତରେ ଥିଲି ଥାପି
ନିଭୃତେ ସେ ଆତ୍ମଲିପି
ଅଜସ୍ର ଭାବନା,
କରିଦେଇ ସ୍ତବ୍ଧ ମୋତେ
କରାଳକାଳ ଆବର୍ତ୍ତେ
ଲିଭିଗଲ ସିନା ।
ହୋଇଗଲି ମୁଁ ଶାପଗ୍ରସ୍ତ
ତୁମରି ନିମିତ୍ତ
ଏବେ ଜାଣେ ତୁମ ସରି
ହାତେ ତୀକ୍ଷ୍ଣ ଅସ୍ତ୍ର ଧରି
ସୃଜନ ମାଧୁରୀ ଚିରି
ଶାପୁ ମୁକ୍ତ କରିବାରେ
ତୁମେ ହିଁ ସମର୍ଥ ।

ସେଥିପାଇଁ ତୁମ ପ୍ରତିକୃତି
ଧରିଥିଲି ସର୍ବସ୍ୱ ସମର୍ପି
ଭରି ଏକ ଉତ୍କୃଷ୍ଟ ଭାବନା
ନହୁଏ ସାହସ ଜମା
ଲଙ୍ଘିବାକୁ ଶେଷ ସୀମା
ପରିଚୟ ପରିଧିକୁ
ଇଚ୍ଛାହୁଏ ଛୁଇଁବାକୁ
ଭୟ ଲାଗେ ଶେଷେ ତୁମେ
ନକରିବ ଘେନା ।

■■■

Digitized by PPRACHIN, SOA

ପ୍ରତାରିତା

ପ୍ରତାରିତ ହୋଇ ହେଲି କେଡ଼େ ନିରାଶ୍ରୟ
କରୁଥାଏ ଆକୁଳ କ୍ରନ୍ଦନ
କାମନାରେ ଜର୍ଜରିତ ନୈରାଶ୍ୟରେ ଭରା
ମରୀଚିକା ସମ ସଦା ହୋଇ ତୃଷ୍ଣାତୁରା ।
ଏହିମନ ଥାଇ କ୍ଷୁଧାତୁର, ଯେତେପ୍ରଶ୍ନ ଉଚ୍ଚାରଇ
ନାହିଁ ପ୍ରତିଧ୍ୱନି ତାର
ଅନୁଭବୁଥାଏ ଖାଲି ସ୍ୱନ ନୂପୂରର ।

ତୁମେ ପରା ଅନ୍ତର୍ଯ୍ୟାମୀ ସବୁ ଜାଣିପାର
ମୋ ସାଥୀ ବନ୍ଧନ ଛାଡ଼ି ନିଜପଥ ନିଜେ ବାରି
ଛାଡ଼ିଗଲା ପ୍ରଣୟର ପ୍ରତିଜ୍ଞା ପାଶୋରି ॥

ସେହିକଥା ଭାଳୁ ଭାଳୁ ଏ ଜୀବନ ମେଘ କୋଳୁ
ବର୍ଷିବାର ବେଳ ଯାଏ ସରି
କର ବା ପରୀକ୍ଷା କେତେ
ଭାବୁଥାଏ ଅନ୍ତର୍ଗତେ ଶୁଣିବାକୁ ତୁମଠାରୁ
ମୋ ପ୍ରଶ୍ନ ଉତ୍ତର ॥

ଆଉ ମୁଁ ଲୋଡ଼ିବି ନାହିଁ, ତୁମେ ବି ରହିବ ଚାହିଁ
ହୋଇଯିବି ନିଷ୍ପାପର ଖଣ୍ଡିଏ ପଥର ॥

■■■

Digitized by PPRACHIN, SOA

କୋହ

ହେ ସ୍ୱପ୍ନା କବିତା !
ଦିନେ ଦେଖୁଥିଲି ସ୍ୱପ୍ନ ଖାଲି ତୁମ କଥା
ଶୁଣୁଥିଲି ତୁମରି ମୂର୍ଚ୍ଛନା,
ଅବୁଝା ସେ ଇଙ୍ଗିତ ଉଚ୍ଛନ୍ନ
ତାଳମାତ୍ରା ଲୟ ଶୂନ୍ୟ
ଜୀଇଁବାର କ୍ଷଣିକ ସୂଚନା ॥

ମରଣଭୁଲା ମୁହୂର୍ତ୍ତ ବଞ୍ଚିବା ଆଦର
କେବେ ତ ନଥିଲା ଦାବି ତୁମେ ଚିରନ୍ତନ ଭାବି
ତୁମେ କହ ତୁମେ ମୋର, ମୁଁ କହେ ତୁମର ॥

ଏ ଭଙ୍ଗୁର ଦେହେ ତୁମେ ଚେତନା ଚପଳା
ଆବୃତ ରୂପସୀ ସମ ନିଭୃତ ନିର୍ମଳା
ମହାନିଦ୍ରୁଁ ଭାଙ୍ଗିଲା ସପନ
ଜୀବନ ଲାଗିଲା ମୁକ୍ତ କନ୍ଦୁକ ସମାନ
ବେଦନାର ଦରଭଙ୍ଗା ଫଟାଫଟା ସ୍ୱର
ତହିଁ ତୁମ ଉଦ୍ଦଣ୍ଡ ନୂପୁର
ତାଳେତାଳେ ଅତୃପ୍ତିର କୋହ
ଢାଳିଦେଲା ତୁମପାଦେ ଅସରନ୍ତି ଲୁହ ।

ଅଚଳ ହେଲାଣି ପାଦ ନିଥର ଏ କର
ତଥାପି ଭାବୁଛି ତୁମେ, ମୋର ମୁଁ ତୁମର୍ ॥

■■■

Digitized by PPRACHIN, SOA

ଉଜାଗର

ଭୋଗର ଲାଳସା କିଛି ନଥିଲାଟି ମୋର
ବ୍ୟାକୁଳେ ଖୋଜିଲି ଦିନେ ପଥର ମନ୍ଦିର ॥
ଜାଣିଲିନି ଥିଲ ତହିଁ କାଠ କି ପଥର
ମଥା ପିଟି ମାଗିଥିଲି ଆୟୁଷ ତୁମର ॥

ବିଶ୍ୱାସ ବଳିତା କରି ଜାଳିଥିଲି ଦୀପ,
ନିଃଶ୍ୱାସ ଅଜାଡ଼ିଦେଇ ଲଗାଇଲି ଧୂପ
ତୁଳସୀ ମୂଳରେ ପୁଣି ମୁରୁଜ ଆଙ୍କିଲି
ଛଅ, ଜୟନ୍ତୀ ଚବିଶ ଏକାଦଶୀ କଲି ॥

କାର୍ତ୍ତିକର ପୁଣ୍ୟ ମାଗି ଆ-କା-ମା-ଭୈ କହି
ଡଙ୍ଗା ଭସାଇଲି
ତଥାପି ବି ବିଶ୍ୱାସରେ ଦୃଶ୍ୟାନ୍ତରେ ତୁମଘରେ
ବଳାତ୍କାରେ ଶଙ୍କାସଙ୍ଗେ ସିନ୍ଦୂର ପୋଛିଲି ॥

ଦେହରୁ ଫୋପାଡ଼ି ଦେଇ ମହାର୍ଘବସନ
ପ୍ରାର୍ଥନା ପାଇଁ ଖୋଜିଲି ପୁଣି କୁଶାସନ
ଜାଗରରେ କଟାଇଛି ଉଜାଗର ରାତ୍ରୀ
ତୁମପାଇଁ ବରିଥିଲି ସୁଦଶା, ସାବିତ୍ରୀ ॥

ଅନ୍ତର ମନ୍ଦିରେ ତୁମେ ଇଷ୍ଟ ଥିଲ ବସି
ଖୋଜୁନି ଗଙ୍ଗାଯମୁନା ଅବା ବାରାଣାସୀ ॥

■■■

Digitized by PPRACHIN, SOA

ବିଡ଼ମ୍ବନା

ମୋର ଏ ଜୀବନଯାତ୍ରା
ଲାଗିଲାଣି ଅତିମାତ୍ରା
ଜୀବନର ସମସ୍ତ କଳ୍ପନା
ମୋତେ ଆଜି ଲାଗେ ବିଡମ୍ବନା ॥

ଚାଲି ମୋର ଅତି ଧୀର ହେଲାଣି ମନ୍ଥର
କେତେକେତେ ସାଥୀ କେଣେ ଗଲାଣି ପଳାଇ
ଚଳନ୍ତି ଗାଡିରୁ କେତେ ପଡିଲେ ଓହ୍ଲାଇ
ହୋଇ ତରବର ॥

ଏ ମନର ସମସ୍ତ ବାସନା
ଅଫୁରନ୍ତ ଅଶେଷ କାମନା
ଯାହା ପରେ ଥିଲା ମୋ ଭରସା
ଶେଷେ ମୋତେ କରିଲା ନିରାଶା ॥

ଜୀବନଟା ଲାଗିଲାଣି ବ୍ୟର୍ଥ
ବଞ୍ଚିବାର ନାହିଁ କିଛି ଅର୍ଥ
ଜୀବନର ଶେଷ ବ୍ୟଥା ଘେନି
ଶୁଣୁଥାଏ ତାର ପାଦଧ୍ୱନି ॥

■■■

Digitized by PPRACHIN, SOA

ମର୍ମଦାହ

କାହିଁକି ବା ତୁମେ ମୋତେ
ଜୀବନର ଅର୍ଦ୍ଧପଥେ
ଛାଡ଼ିଗଲ କରି ସର୍ବନାଶ
କାହିଁଗଲା ଆମର ସେ ଅଖଣ୍ଡ ବିଶ୍ୱାସ ?

ଜାଣେ ଏ ଜୀବନେ ଆଉ ନ ହୋଇବ ଶେଷ
ଏକାକୀତ୍ୱ ନେଇ ଅଛି ବରି
ଏ ଜୀବନେ କୃତାର୍ଥ ବିଚାରି
ସର୍ବଗ୍ରାସୀ ସର୍ଜନାରେ ଅପରୂପ ହୋଇ
ଯେତେ ତୀବ୍ର ମର୍ମଦାହ ସବୁଯାଏ ସହି ॥

ଚପଳ ମୋ ଚେତନାକୁ ଚିରନ୍ତନ ବୋଲି
ମୋ ମନ ମନ୍ଦିରେ ଯେଉଁ ଶ୍ରଦ୍ଧା ଥିଲା ଭରି
ତା ଉପରେ ଥିଲା ମୋର ଅଖଣ୍ଡ ବିଶ୍ୱାସ
ଆଜି ମଣେ ତାକୁ ମୁହିଁ ଶେଷ ସର୍ବନାଶ ॥

■■■

Digitized by PPRACHIN, SOA

କ୍ରୂର ପରିହାସ

ଏକାକୀ ନପାରେ ଚାଲି
ପାଲଟିମୁଁ ଗଲିଣି ଯେ ଖଞ୍ଜ,
ଏ ଜୀବନ ଲାଗଇ ନିରାଶ
କି ବେଗରେ ମାଡ଼ିଆସେ ସଞ୍ଜ ।।

ଏଣିକି ତ ନିଜଛାଇ ମୋର
ମୋତେ ଆଉ ନକରେ ନିଜର
ମୋହସାଥେ ରହିବାକୁ ହେଲାଣି ନାରାଜ
ମନଇଛା କରେ କାରବାର ।।

ମୋତେ ଛାଡ଼ି ଯାଏ କାହିଁ,
ପାଛୋଟି ଆଣିବା ପାଇଁ
ଘନକଳା ନିବିଡ଼ ଅନ୍ଧାର ।
କିଂପା କରେ କ୍ରୂର ପରିହାସ
ଜାଣେନିକି କେତେବାଟ ବାକି
ଏକୁଟିଆ କେହି ନାହିଁ ସାଥୀ
ଚାଲିବି ମୁଁ କାହିଁ କେତେ ଦୂର
ଚାଲିଚାଲି କାହିଁ ଦେବି ଝାସ ?

ଆଗୁଁ କିଛି ନଜଣାଇ ମୋତେ
ନିଃଶ୍ୱାସ ମୋ ଟାଣିନେବ ପ୍ରାଣୁ
ନଜାଣିବି ପଥ କେତେଦୂର
ଜାଣୁଜାଣୁ ପାଲଟିବି ସ୍ଥାଣୁ ।।

■■■

Digitized by PPRACHIN, SOA

ଇଶାରା

ଚାହୁଁ ଚାହୁଁ ନିମିଷକେ
ଯାଏ ସବୁ ସରି,
ପ୍ରୌଢ଼ତ୍ୱ ପ୍ରତାପେ ଯଥା
ଯୌବନ ଯାଏ ଅପସରି ।।

କୋଇଲିର କୁହୁତାନ
ମୁକୁଳିତ ପୁଷ୍ପ ଉପବନ,
ମଧୁପ ମଧୁର ତାନେ
ପ୍ରଣୟିତ ଆକୁଳ ଗୁଞ୍ଜନ ।।

ଫେରିଯାଏ ରତୁରାଜ ପୁତ୍ର
ପାଇଲାଣି ଯିବାର ଇଙ୍ଗିତ
ବିଦାକି ବା ତୁମ ପାଇଁ କାହିଁ
ବିଦାୟ ସଂଗୀତ ଗାଇ ସେ ତ ଜାଣେନାହିଁ ।

ଅଧୀରେ କାନ୍ଦିବ ଖାଲି ଧରଣୀ ସୁନ୍ଦରୀ
ଚୈତ୍ର ହେଲାଣି ଶେଷ
ବୈଶାଖ ବଢ଼ାଇ ହାତ ନେଉଛି ଓଟାରି
ଦ୍ୱାରଦେଶେ କରି କରାଘାତ
କରିବାକୁ ସବୁକୁ ଆୟତ୍ତ
ଜ୍ୟେଷ୍ଠର ପୂର୍ଣ୍ଣିମା ଖାଲି ଅଛି ଅନୁସରି ।।

■■■

Digitized by PPRACHIN, SOA

ଅଦୃଷ୍ଟ

ସହି ମୁଁ ପାରେ ନାହିଁ
ତୁମର ମୋହ ପାଇଁ
ଆଚରି ଥାଅ ଯହିଁ
ଏ ନିରବତା
ଧରିଲେ ଖସୁଥାଅ
ଚାହିଁଲେ ଲୁଚିଯାଅ
ବ୍ୟାକୁଳେ ଡାକୁଥିଲେ
ନ ଶୁଣ କଥା ॥

ତୁମକୁ କବିତାରେ
ରୂପ ଦେବାକୁ ଥରେ
ଖୋଜି ମୁଁ ବୁଲୁଥାଏ
ଏ ସୃଷ୍ଟିସାରା
ଭାବନା ଆସେ ଯେତେ
ଅଜାଡ଼େ ପଦପ୍ରାନ୍ତେ
ହୋଇ ମୁଁ ଯାଇଥାଏ
ଦୃଷ୍ଟିହରା ॥

Digitized by PPRACHIN, SOA

ଯମକ ଚମକରେ
ଖୋଜଇ ଥରେ ଥରେ
ଦେଖେ ମୁଁ ହଜିଯାଏ
ସୁନ୍ଦର ରୂପ,
ତାଳ ତାଳ କେ ଶୁଣେ
ନିଜକୁ ତୁଚ୍ଛ ମଣେ
ତଥାପି ଦେଖାଦିଅ
ଛାୟାସ୍ୱରୂପ ॥

ରଖିବି ବୋଲି ବାନ୍ଧି
ଛନ୍ଦରେ ଦିଏ ଛନ୍ଦି
ଖୋଜିବି ସେ ରୂପକୁ
ନପାଏ ଭାଷା,
ଖୋଜିଖୋଜି ମୁଁ ବିଶ୍ୱ
ହୋଇଯାଉଛି ନିଃସ୍ୱ,
ବିଷାଦେ ଭରିଯାଏ
ମୋ ମନ ଆଶା ।

■■■

Digitized by PPRACHIN, SOA

ଅଦୃଷ୍ଟ

ସହି ମୁଁ ପାରେ ନାହିଁ
ତୁମର ମୋହ ପାଇଁ
ଆଚରି ଥାଅ ଯହିଁ
ଏ ନିରବତା
ଧରିଲେ ଖସୁଥାଅ
ଚାହିଁଲେ ଲୁଚିଯାଅ
ବ୍ୟାକୁଳେ ଡାକୁଥିଲେ
ନ ଶୁଣ କଥା ॥

ତୁମକୁ କବିତାରେ
ରୂପ ଦେବାକୁ ଥରେ
ଖୋଜି ମୁଁ ବୁଲୁଥାଏ
ଏ ସୃଷ୍ଟିସାରା
ଭାବନା ଆସେ ଯେତେ
ଅଜାଡ଼େ ପଦପ୍ରାନ୍ତେ
ହୋଇ ମୁଁ ଯାଇଥାଏ
ଦୃଷ୍ଟିହରା ॥

Digitized by PPRACHIN, SOA

ଯମକ ଚମକରେ
ଖୋଜଇ ଥରେ ଥରେ
ଦେଖେ ମୁଁ ହଜିଯାଏ
ସୁନ୍ଦର ରୂପ,
ତାଳ ତାଳ କେ ଶୁଣେ
ନିଜକୁ ତୁଚ୍ଛ ମଣେ
ତଥାପି ଦେଖାଦିଅ
ଛାୟାସ୍ୱରୂପ ।।

ରଖିବି ବୋଲି ବାନ୍ଧି
ଛନ୍ଦରେ ଦିଏ ଛନ୍ଦି
ଖୋଜିବି ସେ ରୂପକୁ
ନପାଏ ଭାଷା,
ଖୋଜିଖୋଜି ମୁଁ ବିଶ୍ୱ
ହୋଇଯାଉଛି ନିଃସ୍ୱ,
ବିଷାଦେ ଭରିଯାଏ
ମୋ ମନ ଆଶା ।

■■■

Digitized by PPRACHIN, SOA

ନିଃସଙ୍ଗ

ଥାଅ ଅବା ସ୍ପର୍ଶଠାରୁ
ବହୁବ୍ୟବଧାନେ
ବାନ୍ଧି ମୁଁ ରଖିଛି କିନ୍ତୁ
ନିବିଡ଼ ବନ୍ଧନେ ॥

ପ୍ରାଣର ଚିନ୍ମୟ ତୁମେ
ମନର ମାନସ
ଏ ଜୀବନେ ଅନୁଭବେ
ମୋର ଜୀବନ୍ୟାସ ॥

ମୋ ଅସ୍ତିତ୍ୱ ପରେ ମୋର
ହେଉଥିଲା ଭ୍ରମ,
ପ୍ରଥମ ସାକ୍ଷାତ ଥିଲା
ଆମ ଶୁଭଦିନ ॥

ଦୁଇଗୋଟି ଆତ୍ମା ଯେବେ
ହେଲା ଏକ ଅଙ୍ଗ
କି ଚଞ୍ଚଳ ହେଲା ପୁଣି
ମୋହନିଦ୍ରାଭଙ୍ଗ ॥

ଏବେ ଲାଗୁଥାଏ ପୁଣି
କେବଳ ଦୁର୍ବଳ ନୁହେଁ
ସେତିକି ନିଃସଙ୍ଗ ॥

■■■

Digitized by PPRACHIN, SOA

ପ୍ରହେଳିକା

ସର୍ବଦା ମୁଁ ଅତୃପ୍ତିର ବିଷାଦେ କାତର
ସାଇତି ରଖିବି କାହିଁ ରକ୍ତମାଂସ ହାଡ଼ସାଥେ
ପଞ୍ଚଭୂତେ ଗଢ଼ା ଯେଉଁ ଏ ଜଡ଼ ଶରୀର
ସହେନାହିଁ ବ୍ୟବଧାନ ହୁଏ ସେ ବ୍ୟାକୁଳ ।।

ନୁହେଁ ସେ ସପନ ଜମା ନୁହେଁ ଅଭିନୟ
ଦୁହେଁ ତ ଦୁହିଁଙ୍କୁ ଦିନେ କରିଥିଲେ ଜୟ
ଆଖିମୁଦି ଦେଲେ ଦେଖେ ସେ ସୁନ୍ଦର ରୂପ
ଯାହାକୁ ମୁଁ କରେ ଅନୁଭବ
ତା ମଧ୍ୟେ କାହିଁ ରହିବ ବ୍ୟବଧାନ ସ୍ତୂପ ।।

ଜୀବନଟା ପ୍ରହେଳିକା ମାୟା,
କିନ୍ତୁ ଦେଖେ ଯେଉଁ ରୂପ ଛାୟା.
ହେଉ ସିଏ ସ୍ୱପ୍ନ ଅବା ସତ୍ୟ,
ନୁହେଁ ସେ ଆକାଂକ୍ଷା ଥରେ ସଦା ଆକାଂକ୍ଷିତ
ଏ ଶରୀରେ ଚିର ଅବସ୍ଥିତି
କିପରି ସମ୍ଭବ ହେବ ବ୍ୟବଧାନ ରୀତି ।।

■■■

Digitized by PPRACHIN, SOA

ସଂତାପ

ପାରିଥିଲେ ତୁମେ ମୋତେ କରିଥାନ୍ତ ମନା
କରି ମୁଁ ନଥାନ୍ତି ତେବେ ପୂଜା ଆରାଧନା
କେତେ ଭକ୍ତି ଅନୁରକ୍ତି ଅରପିଲି ଯାହା,
ନୁହେଁ ତାହା ପ୍ରହେଳିକା ଇନ୍ଦ୍ରଜାଲ ମାୟା ॥

ଯେତେଯେତେ କରେ ମୁଁ କଳ୍ପନା,
ସବୁ ଲାଗେ ତୁମ ଦାନ, ତୁମରି ଉପମା
ଭରିଯାଏ ମନରେ ସନ୍ତାପ
କରୁଥାଏ ବୃଥା ଅନୁତାପ
ପୂଜା କରିଥିଲି ଯାକୁ ନିଜର ବିଚାରି,
ଅବିରାମ ଅଶ୍ରୁ ଅଭିଷେକେ
ଅଶେଷ ସଂତାପେ
ପ୍ରାୟଶ୍ଚିତ୍ତ କରାଇଗଲା ନେତ୍ର ବାରି ଝାରି ॥

■■■

Digitized by PPRACHIN, SOA

ଅତୀତ

ଅତୀତ ଜୀବନେ ନବୀନ ସ୍ୱପ୍ନ ସୃଜିଛି କେତେ,
ଚମକେ ଚମକେ ଭାଙ୍ଗିଛି ସ୍ୱପ୍ନ ଆସିଛି ଯେତେ ।।
ସେହି ପୁରାତନ ଅତୀତ କେତେ ଲାଗଇ ସତ
ଫୁଟିଉଠୁଥାଏ ଚରଣଚିହ୍ନେ ସେ ପାରିଜାତ ।।

କେତେ ଯେ ସ୍ୱପନ ଭାଙ୍ଗଇ ବକ୍ଷେ ଆଘାତ କରି
କେତେ ଧରାଦେଇ ନିମିଷେ ପୁଣି ଯାଆନ୍ତି ଭାରି ।।
କେବେ ଅନାଚାରୀ ପରି ସେ କରେ ଆଘାତ କେତେ
ଅତ୍ୟାଚାରୀ ପରି ସର୍ବସ୍ୱ ବାନ୍ଧିନିଏ ତା ସାଥେ ।।

ପୁଣି ହାତଧରି ବସାଇ ଦିଏ ଶ୍ୟାମଳ ଘାସେ
ସ୍ୱର ପାରିଜାତ ଫୁଟାଇ ହସେ କି ଦିବ୍ୟ ହାସେ ।।

■■■

Digitized by PPRACHIN, SOA

ପାଷାଣୀ

ତୁମେ ଶିଳ୍ପୀ ମୁହିଁ ତୁମ କଳା
ଚିରଦିନ ବନ୍ଧା ମୁହିଁ ତୁମ କାରାଗାରେ
ଯେଣୁ ମୁହିଁ ଅଟଇ ଅବଳା ।।

ମୁହିଁ ଭ୍ରାନ୍ତ ତୁମେ ଯେ ଅନନ୍ତ
ଅତିବ୍ୟାପ୍ତ ମହିମାମଣ୍ଡିତ
ମନମୁଖି ନିହଣର ଅଙ୍କା କ୍ଷତଚିହ୍ନ
ଏବେ ବି ଉତ୍‌କ୍ଷିପ୍ତ କରି କରେ ହତଜ୍ଞାନ
ସ୍ତୁତିଗାନ କରିବାକୁ ତିଳେନାହିଁ ବଳ
ମୁଁ ମୂକ କେବଳ ।।

ବିଡମ୍ବିତ ଭାଗ୍ୟ ମୋର ତୁମକୁ କରିଲା ଦୂର
ମୁଖେ ମୋର ବାକ୍ୟ ନାହିଁ ଜାଣି
ନ ବୁଝିଲ ମୋର ମର୍ମବାଣୀ ।।

ଏବେବି ତ କାନ୍ଦଇ ବିକଳେ
ରୁଦ୍ଧକାରା ଦ୍ୱାର ଆରପାରେ
ଆକୁଳେ ଡାକଇ ମୁହିଁ ଦିଅ ମୁକ୍ତକରି
ଏ ମୂର୍ତ୍ତିର ହୋଇଯାଉ ମୃତ୍ୟୁ
ହେବ ଆଉଥରେ ପୁନର୍ଜନ୍ମ
ଏହି ଦେହେ ପୁଣି ପ୍ରାଣ ଭରି ।।

■■■

Digitized by PPRACHIN, SOA

ଅନୁଭବ

ଆତ୍ମାଯେବେ ଲାଗେ ମହୀୟାନ
ନଥାଉ ବା ନଶ୍ୱର ସମ୍ପଦ,
ସବୁ କିଛି ଭାବୁଥାଏ ମୋର
ଯେଉଁଠି ମୁଁ ପକାଏ ବା ପାଦ ॥

ସେହି ଶ୍ରଦ୍ଧା ଏ ଅନ୍ତରେ ଭରି
କାହାକୁ ମୁଁ ନ ବାରେ ବଇରି
ଏଇ ମୋର ଶ୍ରେଷ୍ଠ ଅନୁଭବ
ରୂପଗୁଣ, ଯଶ ଅବା, କ୍ଷମତା ବିକାଶ କିବା
ସବୁ କ'ଣ ଲେଖା କରମର ?

କା ଇଙ୍ଗିତେ ଚଳେ ସତେ
ଦୁଃଖ ସୁଖ ଏ ଜଗତେ
ଜନ୍ମ ମୃତ୍ୟୁ ଆଦି ଧରମର
ମଣେ ତାକୁ ସର୍ବଜୟ
ତାହାରି ପରଶ ପାଇ
ଜନ୍ମ ମୋର ହୋଇଛି ସାର୍ଥକ
ଏ ଜନମ କରି ଯଥାର୍ଥକ ।

■■■

Digitized by PPRACHIN, SOA

ଅଧୀନା

ଥାଇ ନିର୍ବିକାରେ, ତଥାପି ବନ୍ଧନମୁକ୍ତ
ନୁହେଁ ଏ ସଂସାରେ
ମୋତେ ଲାଗେ ତୁମେ, ବାନ୍ଧିରଖି ଅଛ ଖାଲି
ନିଷ୍ଠୁର ନିର୍ମମେ ॥

ତସ୍କର ପରି ମୋ ବନ୍ଧା କଟିର ମେଖଳା
ଚାରିପଟେ ଘୂରିବା ମୋ ଚିରନ୍ତନ ଖେଳା
ଏ ସଂସାର ଚିରନ୍ତନ ମୋହ
ଦୀର୍ଘଦିନ ବୃତ୍ତିର ଆଗ୍ରହ
ବିସ୍ତାରିତ କରି ଏ ପ୍ରଭୁତ୍ୱ
ଜାଣି ସବୁ ତତ୍ତ୍ୱ
ତଥାପି ପାରେନି ହୋଇ ଏ ବନ୍ଧନୁ ମୁକ୍ତ ।

ତୁମେ ସୂର୍ଯ୍ୟ, ମୁଁ ପୃଥିବୀ
ରହିଅଛି, ତୁମରି ଆୟତ୍ତେ, କହ ମୋତେ
ବନ୍ଧନ ଛିଣ୍ଡାଇ ମୁହିଁ ଯିବି ବା କେମନ୍ତେ ।

■■■

Digitized by PPRACHIN, SOA

ପ୍ରବଞ୍ଚକ

ଏ ଜଗତେ ଦେଖିଥିଲି ସବୁ ତୁମ ସୃଷ୍ଟି
ଏବେ ଆଖି ମୁଜିଦେଲେ ହୁଅଇ ଯାଦୃଷ୍ଟି
ଶ୍ମଶାନର ସେ ଅଙ୍ଗାର ତଳେ
ଅକାରଣେ ଏ ମନ ଗୁମୁରେ
ଥାଇ ସେ ଜାଗ୍ରତେ, ଏ ଜଗତେ
ମୃତ୍ୟୁ ତାକୁ ନ ପାରିଛି ଧରି
କରେ ଅନୁଭବ ମୋର ଅନନ୍ତ ଚେତନା
ଲାଞ୍ଛନା ଦେଇ ସେ ମୋତେ ପଳାଇଛି ଛାଡ଼ି ॥

■■■

Digitized by PPRACHIN, SOA

ଦୃଷ୍ଟି

ଉଦୟ ବିଲୟ ପଥେ
ଘଟୁଥାଏ ଅବିରତେ
ସୃଷ୍ଟିର ସିକତା ପଥେ
ପଡିଥାଏ ପଦଚିହ୍ନ
ଅର୍ବୁଦ ଅର୍ବୁଦ ॥

ତଥାପି ନହୁଅ ଜଣା
ହୋଇଥାଏ ବାଟବଣା
ଆଗରେ ରହିଛି ବୋଲି
ମୃତ୍ୟୁର ବିପଦ ॥

କେତେ କେ ଗଲେଣି ଭାରି
ଆଉ କେତେ ପଥଚାରୀ
ତା ଉପରେ ଥାପିଲେଣି
କେତେଭାରି ପାଦ ॥

ଗୋଟିଏକୁ ଏପର୍ଯ୍ୟନ୍ତେ
ଭୁଲିପାରୁନାହିଁ ସତେ
ପ୍ରଳୟେ ସେ ହୋଇଲାଣି ଚାପି
ତା ଉପରେ ଦୃଷ୍ଟି ମୋର ରହିଛି ତଥାପି ॥

■■■

Digitized by PPRACHIN, SOA

ଅଭୀପ୍ସା

ଆକାଂକ୍ଷାର ହୁତାଶନ
ଦୁର୍ଦ୍ଦିଶେ ଅବସନ୍ନ ସିନା,
ଲିଭୁନି ଜ୍ୱଳନ ଦାଉ
ଏକାପରି ଅତୃପ୍ତ ଉତ୍ତାପ
ଜୀବନର ଯଥାର୍ଥତା ବିନା ।

ଆଜି ସୁଦ୍ଧା ଜଳେ ଅପ୍ରକଟେ
ସେହି ଲିପ୍ସା, ତୁମରେ ଭରସା
ସଦା ନିର୍ନିମେଷେ
ପାଣ୍ଡୁର ହେଲାଣି ଏବେ
ଜୀବନ କାହାଣୀ
କାହିଁ ଅବା ତାର ଆକର୍ଷଣୀ
ତଥାପି ପିନ୍ଧିଛି ଗଳେ
ପ୍ରୀତି ବରମାଳ
ଯାହାକୁ ନପାରେ ଥୋଇ
ହୋଇଛି ଯେ ମୋହ ପାଇଁ
ଗରଳର ବ୍ୟାଳ ॥

■■■

Digitized by PPRACHIN, SOA

ସଂତପ୍ତା

ତୁମେ ପରା ଜଣେ
ଏ ସଂସାର ଗଢିଥିଲ ଟାଣେ
ତୁମ ହାତଗଢ଼ା ସେହି
ପରିସର ତଳେ,
ମୁହିଁ ମୋତେ ନିରବେ ଧିକ୍କାରେ ।।

ତୁମେ ଶୁଣୁନାହଁ କିଛି
ବୁଝିବାକୁ କାହିଁ ତୁମ ବେଳେ ?
କେବଳ ସହୁଛି ମୁହିଁ
ବେଦନା ବିକଳ ହୋଇ
ଏ ସଂସାରେ ଯେତେକ ଜଞ୍ଜାଳ ।।

ତଥାପି ତୁମକୁ ମୁହିଁ
କାହିଁକି ବା ଅଛି ଚାହିଁ
ପୂର୍ବପରି ନିର୍ବିଚାରେ
ଦଣ୍ଡ ଦିନ ବର୍ଷ ମାସ
ସେହି ଅପେକ୍ଷାରେ ।।

■■■

Digitized by PPRACHIN, SOA

ଅସମାପ୍ତ

ବରାଭୟ ବାହୁ ତଳେ
ଆଶ୍ରୟ ମୁଁ ନେଲି
ଯେଣୁ ମୁହିଁ ଭାବିଥିଲି
ମହାବାକୁ ବୋଲି
ପୂର୍ଣ୍ଣ ମମ ହେଲା ମନସ୍କାମ
ମଧୁମୟ ସମୟର ମଧୁର ଆରାମ ॥

ତୁମେ ଅବା ଅଛ କି ନ ଅଛ
ତଥାପି ମୁଁ ଅଛି
ଜୀବନୁ ସର୍ବସ୍ୱ ମୋର
ନିଗାଡ଼ି ଦେଉଛି
ତୁମପାଖେ ପ୍ରଲୋଭନ
ନାହିଁ ସିନା ମୋର
ଅର୍ଦ୍ଧଭୁକ୍ତ ଜୀବନର
ଅସମାପ୍ତ ପଥ
ଚାରିଆଡ଼ ନିକାଞ୍ଚନ
ଲାଗେ ମୋତେ ଭାରି ଭୟଙ୍କର ॥

■■■

Digitized by PPRACHIN, SOA

ଅସମାହିତ

ପାରିବିନି ଶକ୍ତି ମୋର ନାହିଁ
କେଉଁ ଭାବେ କେଉଁ ଭାଷା ଦେଇ
ଭାଷାର ଅଭାବେ ଆଜି
ମୁହିଁ ମୂର୍ଖ ଭାବେ
ଧରୁଛି ଲେଖନୀ ସିନା
ଭରୁଅଛି କାଳି
ତଥାପି ପାରୁନି କରି
ସଂପୂର୍ଣ୍ଣ ବ୍ୟକତ ॥

ଭାବୁଛି ଥାଇ ଏ ଭବେ
କରି କି ପାରିବି କେବେ
ତୁମକୁ ସମାପ୍ତ
ଧୀରେ ଧୀରେ ହୁଅ ତୁମେ
ଅନନ୍ତ ଅବ୍ୟକ୍ତ ॥

■■■

Digitized by PPRACHIN, SOA

କାମନା

ଦେଖୁଥିବ ସେ ପାଉଁଶ ତଳେ
ଶରୀର ମୋ ଦିକିଦିକି ଜଳେ ।
ସ୍ୱର୍ଗଦ୍ୱାରେ ତୁମ ଆତ୍ମା ଥାଇ
ଛୁଇଁ ଯାଉଥିବ ମୋର ଜୁଇ ।

ତଥାପି ମୁଁ କରିବିନି ଭିକ୍ଷା
ପାଇବାକୁ ତୁମଠାରୁ ରକ୍ଷା ।
ହୋଇଯିବା ଯାଏଁ ଗୋ ପାଉଁଶ
ଏ ଆତ୍ମାର ନ ହୋଇବ ଶେଷ ।

ଥିବାଯାଏଁ ନିମିଷେ ପ୍ରବୃତ୍ତି
ତୁମକୁ ମୁଁ ନଦେବି ନିଷ୍କୃତି ॥

■■■

Digitized by PPRACHIN, SOA

ଭଗ୍ନନୀଡ଼

ସୁବର୍ଣ୍ଣ ପିଞ୍ଜରା ଭାଙ୍ଗି
ତୁମେ ଗଲ ଚାଲି
ଆଚମ୍ବିତ ହୋଇ ମୁହିଁ
ଅନାଇ ରହିଲି ।
ଏବେବି ରହିଛି ଖାଲି
ଭଙ୍ଗା ଦେହ ବହି
କହ କେତେ ଜଳୁଥିବି
ଭସ୍ମ ମୁଁ ନ ହୋଇ ?

ମୋ ମନ ବାସନା ଯେତେ
ଆଶା ଓ ପିପାସା
ପର୍ଯ୍ୟାପ୍ତ କାମନା ସାଥେ
କେତେ ଯେ ଭରସା ।
ରହିଗଲା ମୋର ସାଥୀ ହୋଇ
ଏ ମନେ ନ ଆଶେ ଆଉ
ନୂତନ କଳ୍ପନା
ନୂଆ ନୂଆ ସୃଷ୍ଟି ଘେନି, ଯେତିକି ଉଠଇ ଧ୍ୱନି
ସବୁ ହୁଏ ଅର୍ଥହୀନ ବୃଥା ବିଡମ୍ବନା ॥

■■■

Digitized by PPRACHIN, SOA

ପ୍ରତିଧ୍ୱନି

ନିରସ ଜୀବନ ନିରବି ଯାଇଛି
ବିକଟ ବାରୁଦ ଗନ୍ଧେ,
ପ୍ରୀତି ପ୍ରତିଧ୍ୱନି ନିରବ କମ୍ପନ
ଖେଳେ ଇଥର ତରଙ୍ଗେ ॥

ନୀଳ ସାଗରର ଜଳ ଦର୍ପଣରେ
ନିରତ ବିମ୍ବିତ ଏଠି
ଧୂଳି ସରସର ଧୂସର ଧୂଆଁରେ
ପ୍ରେତ ପ୍ରତିବିମ୍ବ ସୃଷ୍ଟି ॥

■■■

Digitized by PPRACHIN, SOA

ସ୍ପନ୍ଦନ

ଛାତିତଳେ ଲୁହ ଝରା
ସାଇତା ସଙ୍କୁଳା
ନିରୋଳା ନିଆରା ଏକ
ନିର୍ଜନର ବେଳା ॥

ଓଢ଼ଣା ଫାଙ୍କର ଏକ
ନିରୀହ ଚାହାଣି
ଆଇମା'ର ପେଢ଼ିଖୋଲା
ବିରହ କାହାଣୀ ॥

ସବୁର ସେ ଫେଣ୍ଟାଫେଣ୍ଟି
ନିରବ ରଚନା
ନିର୍ମମ ସେ ମର୍ମସ୍ପର୍ଶୀ
ଅନ୍ତର ବେଦନା ॥

■■■

Digitized by PPRACHIN, SOA

ଚିରନ୍ତନ / ନିଚ୍ଛକ

ଜାଣେନା କିପରି ସର୍ବ ଗର୍ବ ଅଭିମାନ
କି ଚଞ୍ଚଳ ହୋଇଗଲା ଛିନ୍ନ
ଜୀବନଟା ହୋଇଗଲା ପୂର୍ଣ୍ଣତାବିହୀନ ।।

ଦିନେ ସବୁ ତୁମେ ଦେଲ ସାରି
ମୋ ବୁକୁକୁ ଦେଲ ଶୂନ୍ୟ କରି
ସବୁଦିନ ପାଇଁ ପରା ହୋଇଲ ବିଲୟ
ଜୀବନର ଅନ୍ତରାଳେ
ଜନ୍ମମୃତ୍ୟୁ ଆଢୁଆଳେ
ନିତି ନିତ୍ୟ କାରବାରେ
ଯାହା ସତ୍ୟମୟ ।।

■■■

Digitized by PPRACHIN, SOA

ସତ୍ୟସିଦ୍ଧ

ପୂର୍ଣ୍ଣିମାର ଥିଲା ପୂର୍ବଦିନ
ନେଉଥିଲା ନବଜନ୍ମ
ଦେଇ ପ୍ରତିଶ୍ରୁତି
ଘଟାଇଲା ସମାପ୍ତିର ତୀବ୍ର ବିସ୍ଫୋରଣ ।

ତହୁଁ ଜନ୍ମ ନେଇଥିଲା ଏକ
ନିର୍ଲିପ୍ତ ସେ ନିର୍ବିକାର
ହୋଇ ନିସ୍ତରଙ୍ଗ
ନିରବଚ୍ଛିନ୍ନ ଭାବରେ
ଅମୃତ ଆଲୋକ ।

ଅବିଚ୍ଛିନ୍ନ ପବିତ୍ର ଓଁକାର
ଶୁଣାଇଲା ସମାଧିରୁ ସ୍ୱର
ପରିପୂର୍ଣ୍ଣ ଲଭୁଥିଲା
ସିଦ୍ଧି ସେ ସତ୍ୟର ।

■■■

Digitized by PPRACHIN, SOA

ଚିତା

ସବୁ ପରେ ଏବେ ବି ତ
ମୁଁ ତୁମ ନିଜର
ଏବେ ସୁଦ୍ଧା ତୁମଠାରୁ
ପାଉଛି ଆଦର ।

ଯେଉଁ ସ୍ନେହ, ମୃତ୍ୟୁଠାରୁ ସତ୍ୟ
ଦାରୁଣ ବିଦଗ୍ଧାନଳ
ଜୀବନ୍ନୁ ଜୀବନ୍ତ
ତୁମେ ତ ମୋ ଏକମାତ୍ର
ନିଦାରୁଣ ଚିନ୍ତା
ଅବିନଶ୍ୱର ଅଲିଭା
ନିରଳସ ଚିତା ॥

■■■

Digitized by PPRACHIN, SOA

ଅସମର୍ଥ

ଜୀବନର ଅନ୍ତିମ ଲକ୍ଷ୍ୟରେ
ଧାଇଁଥିଲି ମୁହିଁ ନିରନ୍ତରେ
ଏବେ କିଂପା ଲାଗିଲାଣି ଥକ୍‌କା
ରକ୍ତ ଅଙ୍ଗ ଯାଉଅଛି ଥରି
ଗତ ଏବେ ଅତି ଥିରିଥିରି
କିଏ ବାଟେ ଦିଏ ସତେ ଧୋକା ?

କେତେବାଟ କହୁନାହିଁ ଜମା
ମାପି ମୁହିଁ ପାରୁନାହିଁ ସୀମା
ଲକ୍ଷ୍ୟ ମୋ'ର ରହେ ନିର୍ବିକାରେ
ଲିଭି ଲିଭି ଆଶେ ହାତେ ବତୀ
ବମାଇ ମୁଁ ପାରୁନାହିଁ ଗତି
ଡାକୁଛି କେ ଥାଇ ସୀମାପାରେ ?

ସେ ବାଟ ତ ମସୃଣ, ପିଚ୍ଛିଳ
ବାରମ୍ବାର ଗୋଡ଼ ଖସେ ମୋର
ନିରାଶାରେ ଚାହିଁଥାଏ ଖାଲି
ଦିନୁ ଦିନ ଅଙ୍ଗ ହୁଏ ଭାରି
ତୁମ ପରି ନୁହେଁ ମୁଁ କରିତକର୍ମା
ଭାବେ ଯାଇ ପାରିବିନି ଯମା ।

■■■

Digitized by PPRACHIN, SOA

କଳ୍ପନା

ତୁମକୁ ମୁଁ ନିରନ୍ତରେ
କରୁଥିଲି ସେବା,
ତୁମ ମୋ' ଭିତରେ ଥିଲ
ଅଦେୟ ବା କିବା ?

ତୁମେ ମୋ' ଜୀବନ ଆତ୍ମା
ମୁଁ ତୁମ ଶରୀର
ତୁମକୁ ମୁଁ ମଣିଲି ମହାତ୍ମା
ତୁମେ ସବୁ କଲ ଅଧିକାର
ତୁମ ସଙ୍ଗେ ରହିଗଲି ଜଡ଼ି
ତୁମେ ମୋ'ର ହେଲ ଅତି ପ୍ରିୟ ।

ନିବିଡ଼ ବନ୍ଧନେ ରହି
ହେଲି ମୁହିଁ ଅନନ୍ୟ ଉପାୟ
ଜନ୍ମ ପରେ ମୃତ୍ୟୁ ଯଦି ସତ୍ୟ
ମୃତ୍ୟୁର ତ ଜନ୍ମ ହେବ ପୁଣି
ଭାବି ଭାବି ହେଉଛି ଅଥୟ
ତୁମ ନାମ ନିତି ଗୁଣିଗୁଣି ॥

■■■

Digitized by PPRACHIN, SOA

କି ଆନନ୍ଦେ ଏ ସଂସାର

କି ଆନନ୍ଦେ ଏ ସଂସାର
ଛାଡ଼ିଗଲ ତୁମେ
ଅସାର ସଂସାରେ ମୋତେ
କରାଇ ସଂସାରୀ
ଛାଡ଼ିଗଲ ତୁମେ କେଡ଼େ
ନିଷ୍ଠୁର ନିର୍ମମେ !

ସୁଖର ସଂସାରେ ତୁମେ
ଜାଳିଦେଲ ବହ୍ନି
ଛିନ୍ନ କରି ସ୍ନେହର-ବନ୍ଧନ
କାରୁଣ୍ୟେ ଡାକିଲି ଯେତେ
ଅର୍ଦ୍ଧ ଚେତନରେ
ଆଉ ଜମା ନ ପାରିଲ ଚିହ୍ନି ।

ଏ ସଂସାରେ ଆଜି ସୁଦ୍ଧା
ରଖିଛି ଆଦରେ
ଅତି ସମ୍ମାନରେ ଏ ପରାଣ ଭରି
ତଥାପି ଲାଗୁଛି ପଛେ
ଗୋଡାଇଛି ମିଛେ ମିଛେ
ଆଉ ଜମା ନ ପାରିବି ଧରି ।।

■■■

Digitized by PPRACHIN, SOA

ଇଚ୍ଛା

କେତେକାଳ ହେଲାଣି ତ
ରହିଛ ମଉନେ
ମୋ' ପ୍ରଶ୍ନର ନାହିଁ ତ ବିରାମ
ତୁମେ କିନ୍ତୁ ରହିଅଛ ଉତ୍ତର ବିହୁନେ
ସତ କହିବାକୁ ଅବା
ଲାଗୁଛି ସରମ !

କିନ୍ତୁ ମୁଁ ପାରୁନି ଜମା
ହୋଇ ନିରୁତ୍ତର
ଯେଣୁ ତୁମେ ଏକମାତ୍ର
ଚିନ୍ତା ଥିଲ ମୋର
ତୁମେ ଥିଲ ଚିନ୍ତା ମୋ'ର
ତୁମେଇ ଚେତନା ।
ମୁହୂର୍ତ୍ତକ ପାଇଁ ହେଲେ
ନୋହି ଆନମନା
ଦୁହିଁଙ୍କ ବେଦନା ଦୁହେଁ
କରୁଥିଲେ ଘେନା ।।

ଆଉ କି ପୂରଣ ହେବ
ନାହିଁ ମୋର ଇଚ୍ଛା
ତହିଁରେ କି ତୃପ୍ତି ହେବ
ତୁମ ବନବାଞ୍ଛା !

■■■

Digitized by PPRACHIN, SOA

ସମୀକ୍ଷା

ପତଙ୍ଗ ସମ ମୁଁ ଏବେ
ରହିଛି ଜଳକା
ଏଯାଏଁ ଲିଭୁନି ଯମା
ତୁମ ଦୀପଶିଖା
ସେହି ଦୀପ୍ତ ତୀବ୍ରାଲୋକେ
ହୋଇଛି ମୁଁ ଅନ୍ଧ
ଏବେ ବି ପାରେନି ବୁଝି
କିଏ ଭଲ ମନ୍ଦ ।

ବଳୟର ଚଉପାଶେ
ଧାଏଁ ଉଠି ପଡ଼ି
ଜାଣେନି ମୁଁ କେବେ ଡେଣା
ଗଲାଣି ମୋ' ପୋଡ଼ି
ହେଲାଣି ଗତି ମନ୍ଥର
ସୀମିତ ବି ଶିଖା
ଲିଭିଗଲେ ହେବ ସିନା
ତ୍ୟାଗର ସମୀକ୍ଷା ?

■■■

Digitized by PPRACHIN, SOA

ଅନ୍ଧାର

ଧରଣୀରେ ଆସେ ପରା
କୈଶୋର ଯୌବନ-ଜରା
ଅସ୍ତିତ୍ୱର ଅବିକଳ
ଅଭିବ୍ୟକ୍ତି ଘେନି
ସଦା ଉତ୍ପୀଡ଼ିତ ମନ
ନାଚୁଥାଏ ଅଗ୍ନିସମ
ଜଳାଇ ଏ ଜୀବନକୁ
ହୋଇ ଉନ୍ମାଦିନୀ ।

ଜୀବନର କେତେ ଦୁଃଖ
କେତେ ସୁଖ କଥା
ମିଳନ ବିଚ୍ଛେଦ ସବୁ
ହୁଅଇ ଅସାର
ମାଡ଼ି ଆସୁଥାଏ ସଞ୍ଜ
ବାରୁଣୀକି ଡେଇଁ
ଲିଭିଯାଏ ସୂର୍ଯ୍ୟ ସୌଭାଗ୍ୟର
ଘୋଟିଯାଏ ବିକଟ ଅନ୍ଧାର ।

■■■

Digitized by PPRACHIN, SOA

ଅନୁଭବ

ଏଡି଼ ଛାତ ତଳେ, ତାତି ଉପୁଜିଲେ
ଆନ ଛାତିରେ ତା' ଲାଗଇ ଝାସ
ପତା ଭିଜିଗଲେ ଥରେ ନୀରଧାରେ
ତାହା ମନେ ଶାନ୍ତି ନଥାଏ ଲେଶ ।

ଅନ୍ତରୁ ଉଠିଲେ ଦୀର୍ଘଶ୍ୱାସଟିଏ
ସେ ମନେ ଉଠଇ କି ହାହାକାର
ମନେ ଦୁହିଁଙ୍କର ସମ ଅନୁଭବ
ଶୁଣି ଦେଲେ ଥରେ ସୁସମାଚାର ।

ମୋ' ମନ ଆଘାତ ପାଅଇ ଯେ ବ୍ୟଥା
ହୃଦେ ତା' ବାଜଇ ମରମବାଣୀ
ଏ ଜୀବନେ ଥିଲା ସମ ଅନୁଭୂତି
ସବୁ ଅନୁଭବ ପାରଟି ଜାଣ ॥

■■■

Digitized by PPRACHIN, SOA

ଅଭିଶାପ

ନିରନ୍ତରେ ଝରୁଥିଲା
ଯେଉଁ ନିର୍ଝରିଣୀ
ଆଜି ତାକୁ ମରୀଚିକା ଭାବେ
ଯେଉଁ ଦୀପ ହୋଇଥିଲା
ମଙ୍ଗଳ ପ୍ରଦୀପ
ଚିତା ହୋଇ ଜଳୁଛି ସେ ଏବେ ।

ଗୁନ୍ଥିଥିଲି ବସି କେତେ ଆକାଶ-କୁସୁମ
ପାଲଟିଛି ସେ ମଉଳା ଫୁଲ
ଧୂଳିସାଥେ ଗୋଳି ହୋଇ
ଖୋଜିବି କାହିଁକି
କାହିଁ ଅବା ଆଉ ତା'ର ମୂଳ ?

ସେତେବେଳେ ବହୁଥିଲା
ସ୍ନେହ-ମନ୍ଦାକିନୀ
ଏ ପ୍ରାଣକୁ କରୁଥିଲା ବୋଧ
ପୂଜିଥିଲି ସେତେବେଳେ
ଯେଉଁ ଦେବତାକୁ
ସିଏ ଲୋଡ଼େ ଆଜି ପ୍ରତିଶୋଧ ॥

■■■

Digitized by PPRACHIN, SOA

ମାୟା

ରହିଥାଏ ଭରା ଅଭିମାନ
ଖୋଜିନି ମୁଁ କେବେ ଉପଶମ
ଦୃଷ୍ଟି କିନ୍ତୁ ଥାଏ ନିରନ୍ତରେ
ତୁମ ପରେ ଦିଗ୍‌ବଳୟ ପାରେ ।

ପ୍ରାଣ ଯେତେ ହୁଏ ଚିନ୍ତା-ଦଗ୍ଧ
ଉପୁଜଇ ଅଗରୁର ଗନ୍ଧ
ରଚିଥିଲ ମର୍ତ୍ତ୍ୟେ ସ୍ୱର୍ଗ-ପୁର
ଏବେ ଲାଗେ ଭୋଗ ନରକର ।

ଥିଲା ଯେଉଁ ଅମାପ ଭରସା
ଭରିଦେଲା ଏତିକି ନିରାଶା
ନ ଜାଣିଲି ମାୟାମୃଗଟାକୁ
ଲୋଡ଼ିଲି କି ସୁଖ ପାଇବାକୁ ?

ପଳାଇଲ ମୃଗଟିକୁ ଧରି
ରାବଣ ମୋ' କଲା ରାମଚୋରି ॥

■■■

Digitized by PPRACHIN, SOA

ଅନିର୍ବାର

ଏବେ ଭାବେ ଯେଉଁ ଭାବ
ରହିଗଲା ବାକି
କରି କି ପାରିବି କାମ
ତୁମ ମନଲାଖି ?

ସୃଷ୍ଟିର ସର୍ଜନା ପଥେ
ଗଲଟି ଆଗେଇ
ଏ ଦୁନିଆ ଧ୍ୱଂସପଥେ
ମୋତେ ଛାଡ଼ିଦେଇ
ଅଗ୍ନିପରି ଭରିଦେଲ
ଅନିର୍ବାର କ୍ଷୁଧା
ବ୍ୟାକୁଳତା ବାୟୁଠାରୁ ବଳି
ସୂର୍ଯ୍ୟରୁ ଅଧିକ ତାପ
ଚନ୍ଦ୍ର ନୀରବତା
ସବୁତକ ଏକାଠି ମୁଁ କରି
କେବଳ ତା' ସାଇତିଛି
ମୋ'ର ସ୍ଥିତି ପାଇଁ
ତୁମର ସେ ଯାତ୍ରାପଥେ ନପାରିଲି ଯାଇ ।

ଅନିର୍ବାଣେ ଆଜିଯାଏଁ
ରହିଅଛି ଚାହିଁ
ପାଦେ ହେଲେ ତୁମପାଖୁ
ନପାରେ ଆଗେଇ ।।

■■■

Digitized by PPRACHIN, SOA

ସ୍ମୃତି

ଏ ମନଟା ଖୋଜେ ତାକୁ ଏତେ
ସିଏ କ'ଣ ଝୁରୁଥାଏ ମୋତେ ?
ଚମକରେ ଥରେ ଛୁଇଁଦିଏ,
କି ଚଞ୍ଚଳ କେଣେ ଚାଲିଯାଏ ?

ନିତିଚାହେଁ ଗୋଧୂଳି ଆକାଶେ
ଖୋଜୁଥାଏ ପରାଣ ପରାଶେ
ସତେ କ'ଣ ଭାବେ ଥରେ ସିଏ
ତାକୁ କିଏ ଏତେ ସୁଖ ପାଏ ?

ବାସନାରେ ଜୀବନ ପ୍ରଦୀପ,
ନଲିଭି ସେ ଜଳେ ଦପଦପ ॥
ସେ ଆଲୋକେ ଯା ଛାଇ ଦୋଳଇ
ସହଜେ କି ତାଙ୍କୁ ଭୁଲି ହୁଏ ?

ଦୀର୍ଘତାକୁ ସେ ତ ମାପେ ନାହିଁ
କିଏ ସେ ଯେ କାନ୍ଦୁଛି ତା ପାଇଁ
ଦୀର୍ଘଦିନ ଅଭୁଲା ସ୍ମୃତିକୁ
ଏ ଅନ୍ତର ସିନା ଗାଉଥାଏ ।

■■■

Digitized by PPRACHIN, SOA

ଚେତନା

ଜାଣିଛି ମୁଁ ତୁମେ ଅଛ ନିଶ୍ଚିତ ନିଶ୍ଚୟ
କହ ତେବେ କିଂପା ଲାଗେ ଏତେ ନିଃସହାୟ ?
ସର୍ବଦା କରି ମୁଁ ଚିନ୍ତା ଭାବୁଥାଏ ତୁମକଥା
ଯେ ଭାବନା କଠୋର ଦୁର୍ଜ୍ଜୟ
ତଥାପି ମୁଁ ସେତିକି ନିର୍ଭୟ ॥

ଚେତନା ମୋ ଆଗେ ଯାଏ ଚାଲି
ନିଜତ୍ୱ ପାଶୋରି
ସମୟର ଖରସ୍ରୋତେ
ହେଉଥାଏ ଏପାରି ସେପାରି ॥

ଯେ ଖର ପ୍ରବାହେ ତୁମ ଆତ୍ମା ହେଲା ଲୀନ
ସେ ସ୍ରୋତେ ଭାସୁଛି ମୁହିଁ
ଦେଖୁନାହିଁ ଥରେ ହେଲେ ସତ୍ତାହୀନ ଚିହ୍ନ ॥

■■■

Digitized by PPRACHIN, SOA

ଅକ୍ଷୟ

ଯେ ଘଟଣା ରହିଲାଣି
ଅତୀତର ଚକ୍ରବାଳ ଡେଇଁ
କିନ୍ତୁ ତାହା ଏତେ ଚିରନ୍ତନ
ହେଉ ପୁରାତନ ଅବା
ହେଉ ସେ ବିଚ୍ଛିନ୍ନ
ସାମାନ୍ୟତମ ମଳିନ ଜମା ହେଉନାହିଁ ॥

ମୁହିଁ ଯେତେ ଜୀର୍ଣ୍ଣଶୀର୍ଣ୍ଣ
ହୁଏ ବା କ୍ଷୟିତ
ତୁମେ କିନ୍ତୁ ନୂଆରୂପେ
ନିୟତ ସଜ୍ଜିତ ॥
ମୁହିଁ ସେ ବିଗ୍ରହେ
ଆହା କି ଆଗ୍ରହେ
ରହିଥାଏ ଚାହିଁ
ମଣୁଥାଏ ତାହାକୁ ମୁଁ ବାସ୍ତବରୁ ସତ୍ୟ
ଅବର୍ଣ୍ଣିତ ନିର୍ମଳତା ସ୍ୱଚ୍ଛରୁ ଅଧିକ
ସହସ୍ର ତେଜରୁ ସେଠି ବଳି ଦୀପ୍ତିମୟ
ମୋହପାଇଁ ଶାଶ୍ୱତରୁ ଆହୁରି ଅକ୍ଷୟ ॥

■■■

Digitized by PPRACHIN, SOA

ଜାଗୃତି

ଯେତେ ମୋତେ କରିଲଟି ଛିନ୍ନ
ମୁହିଁ କେବେ ନୋହିବିଟି ଭିନ୍ନ
ତୁମରି ଅଜ୍ଞାତେ ପ୍ରତିପଦପାତେ
ଖୋଜୁଥିବି ତୁମ ଚଲାଭୂଇଁ
ଯହିଁ ରହିପାରୁଥିବି ତୁମକୁ ମୁଁ ଛୁଇଁ ॥

ନଥିବଟି ଅବିଶ୍ୱାସ ଭୟ
ନଥିବଟି ଆଶଙ୍କା ସନ୍ଦେହ
କେବଳ ଦୁହିଁଙ୍କ ତୃପ୍ତି
ଆମରଣ ଜୀବନ୍ତ ଜାଗୃତି
ସେହି ମୋ ପରମ ପ୍ରାପ୍ତି
ତୁମରି ପରଶ
ଅସମାପ୍ତି ଉଦ୍‌ଯାପନେ ଏକାନ୍ତ ନିଜସ୍ୱ ॥

■■■

Digitized by PPRACHIN, SOA

ମହାତୀର୍ଥ

ତୁମେ ଅବା ଚନ୍ଦ୍ର ହୁଅ
ହୁଅ ଦିବାକର
ତୁମକୁଇ ଖୋଜୁଥାଇ
ଦୁଇଚକ୍ଷୁ ମୋର ॥

ଜଳିଜଳି ତପନ ତାପରେ
ଶୀତଳର ଚନ୍ଦ୍ର ଚନ୍ଦ୍ରିକାରେ
ତୁମେ ଯେବେ ଖୋଜ ମୋତେ
ଅଙ୍ଗେ ଯାଅ ଜଡ଼ି ॥
ଅବିଳମ୍ବେ ମନ ମୋର
ମୁଁ ଦିଏ ଅଜାଡ଼ି ॥

ତୁମ ସତ୍ତା କରି ଚରିତାର୍ଥ
ଆପଣାକୁ ଭୁଲିଯାଇ ବିଚାରି କୃତାର୍ଥ
ମୁହିଁ ଭକ୍ତ ତୁମେ ଭଗବାନ
ତୁମ ନାମ ମହାତୀର୍ଥେ
ସଙ୍ଗମର ସ୍ଥାନ ॥

■■■

Digitized by PPRACHIN, SOA

ଉପେକ୍ଷିତା

ଏଇ ମନତଳ କୋହ
ପୁଣି ଏ ଆଖିର ଲୁହ
ଲିଭୁନାହିଁ ଲିଭିବନି କେବେ
ମନୁଷ୍ୟ ଜନମ ପାଇ
କାହିଁକି ମୁଁ ଭୁଲୁନାହିଁ
ଲାଗୁଛି ମୁଁ ପଡିଅଛି
କାମନାର ସଂକ୍ରାମକ ରୋଗେ ।।

ମାତ୍ର ଥରେ ଭୁଲିବାର ଭାବ
ମୋ ଅନ୍ତରେ ହୋଇଛି ଅଭାବ
ସବୁବେଳେ କରୁଥାଏ ଭିକ୍ଷା
ଲାଗେ ମୋତେ ସିଏ ସେତେ
କରଇ ଉପେକ୍ଷା ।।

■■■

Digitized by PPRACHIN, SOA

ଦୁଷ୍ପ୍ରାପ୍ୟ

ସମୁଦ୍ରପନ୍ତାରେ ଯାଇ ବସୁଥିଲି ନିତି
ସାଗରେ ସୂର୍ଯ୍ୟ ଉଦୟ
ସ୍ୱର୍ଗଦ୍ୱାରେ ତାତି
ଦେଖିଦେଖି ମନ କେତେ ଘେନିଛି ସାନ୍ତ୍ୱନା
ମିଶିଯାଏ ତାହା ସାଥେ ଭାଗ୍ୟ ବିଡମ୍ବନା ॥

ଦିନେ ବୁଡ଼ି ଉଠୁଥିଲି ସିନିହ ସାଗରେ
ତୋଳି ଆଣୁଥିଲି ମୋତି ଅତି ସରାଗରେ
ସାଧବଝିଅ ମୁଁ ତାକୁ କୁଲେଇରେ ଧରି
ଖେଳିଲି ଶିଶୁ କୈଶୋର ଯୌବନେ ଆବୋରି
ଦିନେ, ଛିଣ୍ଡିଗଲା ମୋତିମାଳ ଲୁଚିନେଲା ଭୂଇଁ
ଏବେ, ଆଣ୍ଡେଇ ଖୋଜିଲେ ସୁଦ୍ଧା ଆଉ ପାଉନାହିଁ ।

■■■

Digitized by PPRACHIN, SOA

ସାହାରା

ଦୁର୍ବିହଜୀବନେ ସୂର୍ଯ୍ୟଦହନ
ଅଗ୍ନିର ପରିହାସ
ଜ୍ୱାଳା ଜଗତରେ କେବେ ପୁଣି କରେ
ଆଗ୍ନେୟ ଲୋଭା ପ୍ରବେଶ
ଚିର ଅଶ୍ରୁଳ ହୃଦୟ ପାଲଟେ
ଏକ ତାପଦଗ୍ଧ ମରୁ
ଜାଣେନି କେ କହେ କେ ହାତେ ଲେଖାଏ
ସେହି ମୋର ମହାଗୁରୁ ॥

ସେହି ହାହାକାର ମରୁ ସାହାରାରେ
କେତେ ଯେ ପ୍ରେତର ହସ
ଥରେ ହସିଦେଲେ ନିରବରେ କରେ
ଶାନ୍ତିର ସର୍ବନାଶ
କାହିଁ ଘୋଟିଆସେ ନିଥର ନିଃଶ୍ୱାସେ
ମଶାଣିର ନିରବତା
ଗାଇଯାଉଥାଏ ଅପ୍ରିୟ ସତ୍ୟ ସେ ଅପ୍ରୀତିକର ଯେ କଥା ॥

ପୁଣି କିଏ ଭରେ ଅନ୍ତରେ କଳ୍ପନା ରକ୍ତରେ ଅମୃତ ଲାଭା
ମନଉପବନେ ଫୁଟାଇ ଦିଏ ସେ ରକ୍ତ ଲୋହିତ ଯବା
ତାହା ମହିମାରେ କଣ୍ଠରୁ ଉଚ୍ଛୁଳେ
କାହିଁ କେତେ ବେଦବାଣୀ
କଲମ ପାଲଟେ ଭଗୀରଥ ମୋର
ସଙ୍ଗେ ଘେନି ମନ୍ଦାକିନୀ ।
ନହୋଇ ନିରସ ପାଲଟେ ସରସ
ସେହି ମୋର ମନ୍ତ୍ରଦାତା
ସେହି ପାଦଦ୍ୱଲେ ନିୟୁତ ପ୍ରଣାମ
ଚିନ୍ତାଚେତନାରେ ଗୀତା ॥

■■■

Digitized by PPRACHIN, SOA

ସଙ୍ଗମେ

ପାଉଥିଲେ ଯେତେ ମରଣ ଆଘାତ
ଗାଉଥାଏ ସେତେ ଜୀବନ ସଂଗୀତ
ବୋଲାଇବା ପାଇଁ ତୁମକୁ ମହାତ୍ମା
ମିଶିବା ପାଇଁକି ଆତ୍ମା ସାଥେ ଆତ୍ମା
ସଙ୍ଗମର ସେହି ମହାତୀର୍ଥ ତଟେ
ସେହି ସର୍ବଗ୍ରାସୀ ମରଣ ନିକଟେ
ଯିଏ ଯାହାଠାରୁ ଥିଲେ ଯେତେଦୂରେ
ନିଶ୍ଚେ ଭେଟ ହେବ ଏପାରୁ ସେପାରେ ॥

■■■

Digitized by PPRACHIN, SOA

ବନ୍ଦିନୀ

କବିତା ତ ଖାଲି ଦୁଃଖ ଭୁଲାଏନି
ଅବନ୍ଧୁ ଜୀବନେ ବନ୍ଧୁଟିଏ
ପୀଡା ଯେତେବେଳେ ଅଧିକ ହୁଅଇ
ପାଖେଥିଲା ପରି ବୋଧଦିଏ ॥

କବିତା ବୋଲି ମୁଁ ଯାହାକୁ ଲେଖଇ
ଲୁଚିରହେ ତାହା ଅନ୍ତରାଳେ
ନିଜକୁ ମୁଁ ଲେଖେ, ନିଜକୁ ନିରେଖେ
ଆତ୍ମାକୁ ବୁଝାଏ ସବୁବେଳେ ॥

କେତେ କେତେ କଥା ଘଟି ତ ଯାଇଛି
ନଘଟିବା କଥା ଲେଖେ କେତେ,
କେତେ ଭାବନାକୁ ଶିଳାଲେଖ କରି
ସାଇତି ରଖଇ ଇଚ୍ଛାମତେ ॥

ଅନୁଭବ ଛଡା କିଛି ମୁଁ ଜାଣେନି
କୁଆଡୁ ଯେ କେତେ ଭାଷା ପାଏ
ଅଲେଖା କାଗଜ ପୃଷ୍ଠା ପରି ମୋତେ
ସେମାନଙ୍କ କୋଳେ ସଂପିଦିଏ ॥

ଦୁଃଖ କବଳରୁ ମୁକୁଳିବା ପାଇଁ
କେବେ ମନ ମୋର ବଳେ ନାହିଁ
ଯନ୍ତ୍ରଣା ଫୁଲର ପାଖୁଡ଼ା ଭିତରେ
ବନ୍ଦୀହୁଏ ସବୁଦିନ ପାଇଁ ॥

■■■

Digitized by PPRACHIN, SOA

ମରୀଚିକା

କାମନାର କାମ୍ୟ ତୁମେ ଫୁଲର ଫଗୁଣ,
ଜୀବନର ଜୀବନ୍ୟାସ ସ୍ମୃତିର ସ୍ମରଣ ।
ଭ୍ରମର ଭ୍ରମରେ ଭାବେ ପଦ୍ମିନୀର ପତି
କୋରକ କୋଳରେ ଗାଏ ପ୍ରାଣର ପୀରତି ।

କମଳର କୋଳେ ଥାଇ କାଟୁଥାଏ କୀଟ
ଦଳେଦଳେ ଦଳି ତାକୁ ବାଛୁଥାଏ ବାଟ ।
ପ୍ରେମର ପ୍ରତୀକ ତୁମେ ପ୍ରୀତିର ପସରା
ଧମନୀର ଧୈର୍ଯ୍ୟ ଯିଏ ଅନନ୍ତ ଅସରା ।

ଶାନ୍ତିର ସନ୍ତକ ପୁଣି ବିଚ୍ଛେଦର ବ୍ୟଥା
ଅସରା ଅବ୍ୟକ୍ତ ତୁମେ କାରୁଣ୍ୟର କଥା ।
ମନ୍ତ୍ରଣାର ମନ୍ତ୍ର ତୁମେ ବିପଦରେ ବନ୍ଧୁ
ଅନ୍ଧାରେ ଆଲୋକଦାତା ସନ୍ତୋଷର ସିନ୍ଧୁ ।

ଦୂର ଦିଗ୍‌ବଳୟେ ଦେଖି ଭରିବାକୁ ଧାଏଁ
ମରୁ ମରୀଚିକା ଜାଣି ଅଦୃଶ୍ୟେ ଅନାଏଁ ॥
ଜ୍ୟେଷ୍ଠ ଶେଷ ଇହ୍ନ ତୁମେ ନିଃସ୍ୱ ନିରବତା
ସ୍ୱର୍ଗଦ୍ୱାର ଶ୍ମଶାନର ଦିକିଦିକି ଚିତା ॥

■■■

Digitized by PPRACHIN, SOA

ବେଭାର

ଯୁଗରୁ ଯୁଗକୁ କେତେ ଗଲାଣି ତ ବିତି
ତଥାପି ତୁମକୁ କରି ପାରୁନାହିଁ ଇତି
ଯେତେଦିନ ପ୍ରାଣ ଥିବ ପିଣ୍ଡେ
ହାତେ ଧରି ଲେଖନୀରୁ ଖଣ୍ଡେ
ତହିଁରେ ଯା ଲେଖି ଶିଳାଲିପି
ଆଙ୍କିଦେବି ହୃଦୟେ ମୋ ଥାପି ।

ଖାଲିହାତେ ପଠାଇଲ ମୋତେ
ମର୍ତ୍ତ୍ୟ କିନ୍ତୁ ଦେଲା ମୋତେ କେତେ
ଦେଖାଇବି ସ୍ୱର୍ଗେ ଗର୍ବ ମୋର
ମର୍ତ୍ତ୍ୟଠାରୁ ନେଲି ଯା ବେଭାର ।

Digitized by PPRACHIN, SOA

ପିତାମାତା ସ୍ୱାମୀ ସହୋଦର
ଜଣେ ଜଣେ ବଳୀ ବଳିୟାର
ସେ ନାମକୁ ସଙ୍ଗେ ନେବି ବୋଲି
ମରତ ମୋ ବାନ୍ଧିଛି ଗଣ୍ଠିଲି
ଯେତେ ବନ୍ଧୁ କାଳ କରାମତି
ମୋହପାଇଁ ନହେଉ ବା ଇତି ।

ଭିଡୁ ଯେତେ ଆଗକୁ ସେ ମୋତେ
ସେ କୀର୍ତ୍ତିକୁ ଯାବୋଡ଼ି ସଙ୍ଗତେ
ଗତି ଯେତେ ହେଉ ବା ମନ୍ଥର
ଦୁଃଖ ନାହିଁ ଯାଉ ଯେତେ କାଳ
ସବୁଯାକ ସଙ୍ଖୁଳା ବେଭାର
ଧରି ହେବି ସେପୁରେ ହାଜର ॥

■■■

Digitized by PPRACHIN, SOA

ରମା ଦେବୀ

କାଳ ହାର ମାନେ । କବି ହୁଏ କାଳଜୟୀ । ଲେଖନୀ ତାର ସେହି କାଳଜୟୀ କବିତା ଲେଖି ଚିରଦିନ ଲାଗି ନୂତନ ପଥ ଦେଖାଏ ଆଗନ୍ତୁକ ପିଢ଼ି ପାଇଁ ।

ମା ରମାଦେବୀ ସେହି କାଳଜୟୀ କବିତା ଲେଖି ଆଗାମୀ ପିଢ଼ି ପାଇଁ ଯେଉଁ 'ଅମଡାବାଟ' ଟିଏ ସୃଷ୍ଟି କଲେ, ତାହା ଆମଲାଗି ହେଉ ଚିର ଅନିର୍ବାଣ ବର୍ତ୍ତିକାଟିଏ । ତାଙ୍କର ଲେଖନୀରୁ ଏପରି ଆଗାମୀ ଯୁଗ ଲାଗି କବିତାର ନିସ୍ୟନ୍ଦନୀ ଓ ଅମଳ ଅମନ୍ଦ ମନ୍ଦାକିନୀ ସୃଷ୍ଟି ହେଉ ଆଗାମୀ ଯୁଗର ଭଗୀରଥ ପାଇଁ । ଶଙ୍ଖଧ୍ୱନିରେ ତାଙ୍କର କବିତାର ଝଙ୍କାର ମର୍ମରିତ ହେଉ । କଳାଠାକୁର ତାଙ୍କୁ ଚିରଦିନ ଉର୍ଜ୍ଜ୍ୱସ୍ୱଳ କବିତା ଧୀଷଣାରେ ସମୁଜ୍ଜ୍ୱଳ କରନ୍ତୁ - ଏତିକି ମାତ୍ର ପ୍ରାର୍ଥନା ।

ଶ୍ରୀ ସାରଙ୍ଗଧର ରାୟଗୁରୁ

Digitized by PPRACHIN, SOA